

যা দেবী সর্বভূতেষু............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୨ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 AUGUST 2023

Vol.No. 35 ■ No. 221 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତକୁ ଡୋନାଲ୍ଡ ଟ୍ରମ୍ପଙ୍କ ବଡ ଧମକ

### ରାଷ୍ଟ୍ରପତି ହେଲେ ଭାରତର ସମସ୍ତ ପ୍ରଡକ୍ଟ ଉପରେ ଲାଗିବ ଅଧିକ ଟିକସ





ନୂଆଦିଲ୍ଲୀ,୨୧/୦୮ : ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଧମକ ଦେଇଛନ୍ତି । ଆମେରିକାର କିଛି ଉତ୍ପାଦ ଉପରେ ଭାରତ ଶୁଳ୍କ ଲଗାଇଥିବାରୁ ଏଥିରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ଭାରତରେ ଆମେରିକାରେ ଉତ୍ପାଦିତ ହାର୍ଲେ ଡେଭିଡସନ୍ ମୋଟରବାଇକ୍ ଉପରେ ଭାରତ ସରକାର ତାରିଫ୍ ଲଗାଯିବା ପ୍ରସଙ୍ଗକୁ ଉଠାଇ କହିଛନ୍ତି ଯଦି ସେ ୨୦୨୪ରେ ରାଷ୍ଟ୍ରପତି ହୁଅନ୍ତି ତେବେ ଭାରତର ଉତ୍ପାଦ ଗୁଡିକୁ ଉପରେ ମଧ କଡା ଶୁଳ୍କ ଲଗାଇବେ । ୨୦୧୯ ରେ ଯେତେବେଳେ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିଲେ ଭାରତର ଉଚ୍ଚ ଟ୍ୟାକ୍ସ କଟକଣାକୁ ନେଇ ଭାରତକୁ 'ତାରିଫ୍ କିଙ୍ଗ' ବୋଲି କହିଥିଲେ । ସୂଚନା ମୁତାବକ, ଆମେରିକା ପାଖାପାଖି ୧୦୦ ଦେଶରୁ ଉତ୍ପାଦ ଆମଦାନୀ ଉପରେ ଶୁଳ୍କ ଲଗାଉନାହିଁ । ଫଳରେ ଆମେରିକା ସହ ଅନ୍ତରାଷ୍ଟ୍ରୀୟ ବ୍ୟାପାର ପାଇଁ ଅନ୍ୟ ରାଷ୍ଟ୍ରମାନେ ପ୍ରୋତ୍ସାହିତ ହେଉଛନ୍ତି ।

## ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୧/୦୮ (ନି.ପ୍ର): ଓଡିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ନଥିଲେ ମଧ୍ୟ ରାଜ୍ୟରେ ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୪ ଘଂଟା ମଧରେ ଉପକୂଳ ଓ ପଶ୍ଚିମ ଓଡ଼ିଶାର ୧୮ଟି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଓ କନ୍ଧମାଳ । ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୨୨ ତାରିଖରେ ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ବାଲେଶ୍ୱର,ଗଜପତି ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏହି ସମୟ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଗଜପତି ଓ ଗଂଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମସ୍ତ ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## କଣ୍ଟେନର ଧକ୍କାରେ ୩ କାଉଡ଼ିଆ ମୃତ, ୨ ଗୁରୁତର


କେନ୍ଦୁଝର, ୨୧/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଖୁରେଇଟାଙ୍ଗର ଟୋଲଗେଟ୍ ନିକଟରେ ଗୋଟିଏ କଣ୍ଟେନର ଗୋଟିଏ ଅଟୋକୁ ଧକ୍କା ଦେବାରୁ ୩ ଜଣ କାଉଡ଼ିଆଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ୫ କାଉଡ଼ିଆ ତେଲକୋଇ ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନେ ପାଟଣା ଶିବ ମନ୍ଦିରରେ ଜଳଲାଗି କରି ଅଟୋରେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଅନ୍ୟପକ୍ଷରେ ଗତକାଲି ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ଆସିକା ଥାନା ଅର୍ନ୍ତଗତ ଭେଟନଇ ଏବଂ ଭେଜିପୁଟ ରାସ୍ତାରେ କାର ଧକ୍କାରେ ୨ ଜଣ କାଉଡ଼ିଆ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ୧୭ ଜଣିଆ କାଉଡ଼ିଆ ଦଳ ଅରଖପୁର ଗାଁରେ ଥିବା ତାଡ଼କେଶ୍ୱର ମନ୍ଦିରକୁ ପାଣି ନେଇ ଯାଉଥିବା ବେଳେ ଏକ କାର ଦ୍ରୁତ ଗତିରେ ଆସି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ପରେ କାରଟି ବିଲ ଭିତରକୁ ପଶି ଯାଇଥିଲା।

## ଏସିଆ କପ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ,୨୧/୦୮ : ଏସିଆ କପ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି । ଟ୍ୱିଟ କରି ଟିମ ଘୋଷଣାର ସୂଚନା ଦେଇଛି ବିସିସିଆଇ । ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଖେଳିବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ରୋହିତ ଶର୍ମା (ଅଧିନାୟକ), ଶୁଭମାନ ଗିଲ, ବିରାଟ କୋହଲି, ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା, କେ.ଏଲ ରାହୁଲ, ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ ), ରବିନ୍ଦ୍ର ଜାଡେଜା, ଶାର୍ଦ୍ଦୁଲ ଠାକୁର, ଅକ୍ସର ପଟେଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ମହମ୍ମଦ ଶାମି, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଦଳରେ ସ୍ଥାନ ପାଇଛନ୍ତି । ଏହାସହ ଷ୍ଟାଣ୍ଡ-ବାଇ ପ୍ଲେୟାର ଭାବେ ସଞ୍ଜୁ ସାମସନଙ୍କୁ ବିସିସିଆଇ ଚୟନ କରିଛି । ତେବେ ଅଗଷ୍ଟ ୩୦ରୁ ସେପଟ୍ମ୍ବର ୧୭ ଯାଏଁ ଏସିଆ କପ୍ ଚାଲିବ । ସେପଟ୍ମ୍ବର ୨ ତାରିଖରେ ଭାରତ-ପାକିସ୍ତାନ ମୁକାବିଲା ହେବ ।

## ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଅଣାୟତ୍ତ

ଭୁବନେଶ୍ୱର, ୨୧/୦୮ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଟେଷ୍ଟିଂ ସେଣ୍ଟର ସହିତ ୪ଟି ଯାକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ସି)ରେ ଡେଙ୍ଗୁ ୱାର୍ଡ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ଆସନ୍ତାକାଲିଠାରୁ ଡେଙ୍ଗୁ ପରୀକ୍ଷା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ରେ ଖୋଲିବ ସ୍ୱତନ୍ତ୍ର ଟେଷ୍ଟିଂ ସେଣ୍ଟର। ଏଠାକୁ ଦୈନିକ



ପ୍ରାୟ ୫୦୦ ଲୋକ ଡେଙ୍ଗୁ ଟେଷ୍ଟ କରାଇବା ପାଇଁ ଆସୁଛନ୍ତି। ଏହି ଭିଡ଼ କମାଇବା ପାଇଁ ସ୍ୱତନ୍ତ୍ର ଟେଷ୍ଟିଂ ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ହୋଇଛି। ସେ କହିଛନ୍ତି, ଏବେ ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲରେ ୬୦-୭୦ ଜଣ ପଜିଟିଭ ଚିହ୍ନଟ ହେଉଛନ୍ତି।

▶▶ପୃଷ୍ଠା ୭

## ରାସ୍ତାକଡ଼ରେ ଗାଡ଼ି ମରାମତି ଚାଲିଥିବା ବେଳେ ମାଡ଼ିଗଲା ଟ୍ରକ୍: ୨ମୃତ,୨ ଆହତ

ଯାଜପୁର, ୨୧/୦୮ (ନି.ପ୍ର): ଯାଜପୁର ଜିଲ୍ଲା ଜାତୀୟ ରାଜପଥ ୧୬ ମୂଳାପାଳ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଗାଡ଼ି ମରାମତି ଚାଲିଥିବା ବେଳେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ମାଡ଼ିଯିବାରୁ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ୨ ଜଣ ଆହତ ହୋଇଛନ୍ତି। । ମୃତକମାନେ ହେଲେ ଗୋପଲପୁର୍ ଗ୍ରାମର ବିଶ୍ୱରଞ୍ଜନ ଗୁଇଁ ଓ ବାଲିଚନ୍ଦ୍ରପୁର ଅଞ୍ଚଳର ଉମେଶ ଜେନା। ଆହତମାନଙ୍କୁ ମଧୁବନ ମେଡିକାଲରେ ଭର୍ତ୍ତି କରାଯାଇଛି। ଆଜି ଦିନ ୧୨ ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଦ୍ରୁତଗତିରେ ଆସି ପ୍ରଥମେ କ୍ରସର ଗୁଣ୍ଡ ବୋଝେଇ ଡ଼ମ୍ପରକୁ ଧକ୍କା ଦେଇଥିଲା। ପରେ ରାସ୍ତାକଡ଼ରେ ମରାମତି ଚାଲିଥିବା ଏକ ଗାଡ଼ିରେ ଯାଇ ପିଟି ହୋଇଯାଇଥିଲା। ଗାଡ଼ିମରାମତି କରୁଥିବା ବିଶ୍ୱରଞ୍ଜନ ଓ ଉମେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ୨ ଜଣ ଆହତ ହୋଇଥିଲେ। ପୁଲିସ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରିବା ସହ ଗାଡ଼ି ଜବତ କରିଛି ଓ ଘଟଣାର ତଦନ୍ତ କରୁଛି।

## ୮୩୭କୋଟି ଟଙ୍କାର ୯ଟି ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ

ଭୁବନେଶ୍ୱର, ୨୧/୦୮ (ନି.ପ୍ର): ରାଜ୍ୟର ୮ଟି ଜିଲ୍ଲାରେ ମୋଟ ୮୩୭.୫୭କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ଆଜି ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ଖୋର୍ଦ୍ଧା, ସୁନ୍ଦରଗଡ଼, ଜଗତସିଂହପୁର, ଗଞ୍ଜାମ, ନବରଙ୍ଗପୁର, ଯାଜପୁର, ଦେବଗଡ଼ ଓ ଝାରସୁଗୁଡା ଜିଲ୍ଲାରେ ସ୍ଥାପନ ହେବ ଓ ପ୍ରାୟ ୨୫୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିବ ବୋଲି ଜଣାପଡ଼ିଛି । ଆଜି ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଯେଉଁସବୁ ପ୍ରକଳ୍ପଗୁଡ଼ିକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି ସେଥିରେ ଦେବଗଡ଼ ଜିଲ୍ଲାରେ ୮୫କୋଟି ଟଙ୍କା ବ୍ୟୟରେ ପେଟ୍ରୋନେଟ୍ ଏଲଏନଜି ଲିଃ କମ୍ପାନୀ ଦ୍ୱାରା ବାୟୋଗ୍ୟାସ ଓ ଅର୍ଗାନିକ ପ୍ଲାଣ୍ଟରୁ ବାର୍ଷିକ




୩୩୦୬୫ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ କେମିକାଲ ଉତ୍ପାଦନ ଓ ଅକ୍ଷୟ ଶକ୍ତି ଉତ୍ପାଦନ ହେବ । ପ୍ରାୟ ୫୩ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ପାରାଦୀପ ପ୍ଲାଷ୍ଟିକ ପାର୍କରେ ୧୦୦.୭୪କୋଟି ଟଙ୍କା ବ୍ୟୟରେ ପର୍ଲ ପ୍ରେସିସନ୍ ପ୍ରଡକ୍ଟ ପ୍ରାଃ ଲିଃ ଦ୍ୱାରା ପ୍ଲାଷ୍ଟିକ ଉତ୍ପାଦ ପ୍ରସ୍ତୁତ ହେବ । ଏଥିରେ ୭୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ଖୋର୍ଦ୍ଧାରେ ଇଣ୍ଡୋପେଟ୍ ପଲିପ୍ଲାଷ୍ଟ ପ୍ରାଃ ଲିଃ ଦ୍ୱାରା ୮୦କୋଟି ଟଙ୍କା ବ୍ୟୟରେ ପ୍ଲାଷ୍ଟିକ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏଥିରେ ୧୫୦ଜଣଙ୍କୁ ନିଯୁକ୍ତି ମିଳିବ । ଝାରସୁଗୁଡ଼ା ଜିଲ୍ଲାରେ ଟିଆରଏଲ୍ କ୍ରୋସାକି ରିଫ୍ୟାକ୍ଟ୍ରିଜ ଲିଃ ଦ୍ୱାରା ୧୦୦କୋଟି ଟଙ୍କା ବ୍ୟୟରେ ଷ୍ଟିଲ୍ ଅନ୍ସିଲାରୀ ପ୍ରକଳ୍ପ ସ୍ଥାପନ ହେବ । ଆଲୁମିନିୟମ ଗ୍ରାଇଣ୍ଡିଂ ୟୁନିଟ, ପ୍ରୋସେସିଂ ୟୁନିଟ୍ ଆଦି ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ ଓ ୧୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ସୁନ୍ଦରଗଡ଼ର କୁଆଁରମୁଣ୍ଡା ବ୍ଲକରେ ୫୦.୩୫ କୋଟି ଟଙ୍କା ବ୍ୟୟରେ ଚୌସନ୍ ସର୍ଭେସ ରିଫାକ୍ଟ୍ରିଜ୍ ପ୍ରାଃ ଲିମିଟେଡ୍ ଦ୍ୱାରା ଷ୍ଟିଲ୍ ଅନ୍ସିଲାରୀ ପ୍ରକଳ୍ପ ସ୍ଥାପନ କରାଯିବ । ଏଥିରେ ୮୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ଯାଜପୁରର କଳିଙ୍ଗନଗରରେ ସାଇଜର ଏଣ୍ଟରପ୍ରାଇଜେସ୍ ପ୍ରାଃ ଲିମିଟେଡ୍ ଦ୍ୱାରା ୮୯.୯୦କୋଟି ଟଙ୍କା ବ୍ୟୟରେ ଷ୍ଟିଲ(ଡାଉନଷ୍ଟ୍ରିମ) ପ୍ରକଳ୍ପ ସ୍ଥାପନ ହେବ ଓ ପ୍ରାୟ ୨୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ସୁନ୍ଦରଗଡ଼ର ଲହୁଣୀପଡ଼ାଠାରେ ଷ୍ଟିଲ କ୍ଷେତ୍ରରେ ୧୦୦କୋଟି ଟଙ୍କାର ପ୍ରକଳ୍ପ ସ୍ଥାପନ ହେବ । ଏହାଦ୍ୱାରା ୮୧୯ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ନବରଙ୍ଗପୁର ଜିଲ୍ଲାର ବାମୁଣୀ ଶିଳ୍ପାଂଚଳରେ କୋଷ୍ଟାଲ ବାୟୋଟେକ୍ ପ୍ରାଃ ଲିମିଟେଡ୍ ଦ୍ୱାରା ୫୩.୦୮କୋଟି ଟଙ୍କା ବ୍ୟୟରେ ଆଗ୍ରୋ ଓ ଫୁଡ୍ ପ୍ରୋସେସିଂ କ୍ଷେତ୍ରର ପ୍ରକଳ୍ପ ସ୍ଥାପନକୁ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୮୨ଜଣଙ୍କୁ ନିଯୁକ୍ତି ସୁଯୋଗ ମଳିପାରିବ । ଗଞ୍ଜାମ ଜିଲ୍ଲାର ଚିକିଟିଠାରେ ଏକ ହୋଟେଲ ଓ ରିସୋର୍ଟ ସ୍ଥାପନ କରିବାକୁ ଏସଏନଏମ୍ ହୋଟେଲ ଆଣ୍ଡ ରିସୋର୍ଟ ପ୍ରାଃ ଲିମିଟେଡ୍ ପକ୍ଷରୁ ୨୧୪.୫୦କୋଟି ଟଙ୍କା ବ୍ୟୟ ହେବ । ଏହା ଦ୍ୱାରା ୨୨୭ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ଓ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ମଧ ମିଳିବ ।

## ୮ ବର୍ଷ ହେବ ଫେରାର ଥିଲେ: ଦିଲ୍ଲୀରୁ ବନ୍ଧା ହେଲେ ପୂର୍ବତନ ବିଡିଓ

କୋରାପୁଟ, ୨୧/୦୮ (ନି.ପ୍ର): ୭ଟି ଦୁର୍ନୀତି ମାମଲାରେ ଫସି ୮ ବର୍ଷ ହେଲା ଫେରାର ଥିଲେ। ଓଡ଼ିଶାରୁ ପଳାଇ ଯାଇ ଦିଲ୍ଲୀରେ ରହୁଥିଲେ। ଶେଷରେ ଦିଲ୍ଲୀରୁ ତାଙ୍କୁ ବାନ୍ଧିଛି ଭିଜିଲାନ୍ସ। ଗିରଫ ବ୍ୟକ୍ତିଜଣକ ହେଉଛନ୍ତି କୋରାପୁଟ ନାରାୟଣପାଟଣାର ପୂର୍ବତନ ବିଡିଓ ରମେଶ ଚନ୍ଦ୍ର ସାହୁ। ରମେଶ ଚନ୍ଦ୍ରଙ୍କୁ ଦିଲ୍ଲୀରୁ ଗିରଫ କରି ଓଡ଼ିଶା ଆଣୁଛି ଭିଜିଲାନ୍ସ ଟିମ୍। କୋରାପୁଟ ନାରାୟଣପାଟଣାର ପୂର୍ବତନ ବିଡିଓ ରମେଶ ଚନ୍ଦ୍ର ସାହୁ ନିଜ ଚାକିରି କାଳରେ ବହୁ ଦୁର୍ନୀତି ମାମଲାରେ ଫସିଥିଲେ। ସେ ବହୁ ଉନ୍ନୟନମୂଳକ କାମରେ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ୭ଟି ପ୍ରକଳ୍ପରେ ସେ ୩୪ ଲକ୍ଷ ଟଙ୍କା ହଡ଼ପ କରିଥିବା



ମାମଲା ରହିଛି। ଅଙ୍ଗନବାଡି କେନ୍ଦ୍ର, ରାସ୍ତା ନିର୍ମାଣ, ଡାଇଭରସନ ରାସ୍ତା ସହ ଘଜରଏଝ କାମରେ ଏହି ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଗିରଫଦାରୀକୁ ଏଡ଼ାଇବାକୁ ସେ ଦିଲ୍ଲୀ ଫେରାର ହୋଇ ଯାଇଥିଲେ। ସେବେଠୁ ତାଙ୍କୁ ଭିଜିଲାନ୍ସ ଖୋଜୁଥିବା ବେଳେ ତାଙ୍କ ପତ୍ତା ପାଇ ପାରୁ ନଥିଲା। ଦିଲ୍ଲୀରେ ରହିବା ସମୟରେ ସେ ବାରମ୍ବାର ରହିବା ସ୍ଥାନ ବଦଳାଉଥିଲେ । ପ୍ରଥମେ ଭଡ଼ାରେ ଘର ନେଇ ଦିଲ୍ଲୀ ଏବଂ ଆଖପାଖ ଅଂଚଳରେ ରହିଥିଲେ। ପରେ ଲୁଚିବା ସହ ଗିରଫକୁ ଏଡାଇବାକୁ ଆସାମ ଚାଲିଯାଇଥିଲେ।

▶▶ପୃଷ୍ଠା ୭

## ୨୦୨୪ ପାଇଁ କଂଗ୍ରେସର ବଡ ପ୍ରସ୍ତୁତି: ରବିବାର ସିଡବ୍ଲୁସିର ପୁର୍ନଗଠନ ପରେ ବଢିଲା ଚର୍ଚ୍ଚା

ନୂଆଦିଲ୍ଲୀ,୨୧/୦୮ :୨୦୨୪ ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜ ଘରକୁ ସଜାଡିବା ଆରମ୍ଭ କରିଛି । ଦଳର ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବେ ସର୍ବୋଚ୍ଚ ନିଷ୍ପତି ଗ୍ରହଣକାରୀ କମିଟି ବା ସିଡବ୍ଲ୍ୟୁସିର ପୁର୍ନଗଠନ କରିଛନ୍ତି । ସବୁଠୁ ବଡ କଥା ହେଉଛି ନିର୍ବାଚନ ପୂର୍ବରୁ ଦଳର ଭିତରେ ଥିବା କନ୍ଦଳ, ଅସନ୍ତୁଷ୍ଟ ନେତାଙ୍କ ମାନଭଂଜନକୁ ଦୃଷ୍ଟିରେ ରଖି କଂଗ୍ରେସ ସିଡବ୍ଲ୍ୟୁସିର ପୁର୍ନଗଠନ କରିଛି । ପୂର୍ବରୁ ୨୦୨୦ ମସିହାରେ ସିଡବ୍ଲୁସିର ବଡ ପରିବର୍ତ୍ତନ କରାଯାଇଥିଲା । ୨୦୨୪ ପାଇଁ କଂଗ୍ରେସର ପ୍ରସ୍ତୁତି। ଏହି କ୍ରମରେ ରବିବାର ଦଳ ଆଂଚଳିକ ଓ ଜାତୀୟ



ସ୍ତରରେ ବଡ ଧରଣର ପରିବର୍ତ୍ତନ କରିଛି । କେବଳ ସେତିକି ନୁହେଁ ଜାତୀୟ କାର୍ଯ୍ୟକାରିଣୀ କମିଟି ବା ସିଡବ୍ଲ୍ୟୁସିରେ ମଧ ବଡ ଅଦଳବଦଳ କରାଯାଇଛି ।

▶▶ପୃଷ୍ଠା ୭

## ଇସ୍ରୋରୁ ଆସିଲା ଖୁସି ଖବର: ଜହ୍ନରେ ଚନ୍ଦ୍ରଯାନ-୩କୁ ସ୍ୱାଗତ କଲା ଚନ୍ଦ୍ରଯାନ-୨

ନୂଆଦିଲ୍ଲୀ, ୨୧/୦୮ : ଚନ୍ଦ୍ରଯାନ -୩ ଧୀରେ ଧୀରେ ନିଜ ଲକ୍ଷ୍ୟସ୍ଥଳ ଆଡକୁ ଅଗ୍ରସର ହେଉଛି। ଏହା ଚନ୍ଦ୍ରଠାରୁ ମାତ୍ର କିଛି କିଲୋମିଟର ଦୂରରେ ରହିଛି । ଅବତରଣ କରିବାକୁ ଏପରି ଏକ ସୁରକ୍ଷିତ ସ୍ଥାନ ଖୋଜୁଛି ଯେଉଁଠାରେ ବୋଲ୍ଡର କି ଖାଲ ନଥିବ । ଅଗଷ୍ଟ ୨୩ ତାରିଖ ସନ୍ଧ୍ୟା ୬ଟା ୪ ମିନିଟରେ ଚନ୍ଦ୍ରଯାନ -୩ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି । ଅଗଷ୍ଟ ୧୭ ତାରିଖରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା । ଏହାରି ଭିତରେ ଚନ୍ଦ୍ରଯାନ-୩ର ଦ୍ୱିତୀୟ ପର୍ଯ୍ୟାୟ ଡିବୁଷ୍ଟିଂ ସଫଳତାର ସହ ଶେଷ ହୋଇଛି । କକ୍ଷପଥର ଆକାର ହ୍ରାସ କରାଯିବା ପରେ ଏବେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରଠାରୁ ସବୁଠୁ କମ୍ ୨୫ ଓ ସବୁଠୁ ଅଧିକ ୧୩୪ କିଲୋମିଟର ଦୂର କକ୍ଷପଥରେ ପ୍ରଦକ୍ଷିଣ କରୁଛି । ୨୩ ତାରିଖ ସଂଧ୍ୟା ୬ଟା ୪ମିନିଟ୍ରେ ଅବତରଣ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ ଚନ୍ଦ୍ରଯାନ ୩ । ଚନ୍ଦ୍ରଯାନ-୩ ମିଶନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ବିକ୍ରମ ଲ୍ୟାଣ୍ଡର ।



ଏହି ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ଅବତରଣ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏଥିରେ ଏକାଧିକ ଥ୍ରଷ୍ଟର

▶▶ପୃଷ୍ଠା ୭

# ନିଅଣ୍ଟ ବର୍ଷାକୁ ନେଇ ୧୧ ଜିଲ୍ଲା ସ୍ଥିତି ସଙ୍ଗୀନ



ଭୁବନେଶ୍ୱର, ୨୧/୦୭ (ନି.ପ୍ର): ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ ରାଜ୍ୟରେ ଏହି ମେ ?ସୁମୀ ଋତୁରେ ମାତ୍ର ୮% ନିଅଣ୍ଟ ବର୍ଷା ହୋଇଛି। ଯାହାକି ସ୍ୱାଭାବିକ ପରିସରଭୁକ୍ତ। ଅନ୍ୟପଟେ ଅଗଷ୍ଟ ମାସରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୧% ଅଧିକ ବର୍ଷା ହୋଇଥିବା ରେକର୍ଡ କହୁଛି। କିନ୍ତୁ ପାଣିପାଗ ବିଜ୍ଞାନୀଙ୍କ କହିବା ଅନୁଯାୟୀ, ଏହା କେବଳ ଏକ ଗାଣିତିକ ପରିସଂଖ୍ୟାନ। ବାସ୍ତବରେ ରାଜ୍ୟରେ ବର୍ଷାର ଅସମାନତା ସଙ୍ଗିନ ସ୍ଥିତିରେ ପହଞ୍ଚିଥିବା ବେଳେ ଫସଲ ମଧ୍ୟ ଏହା ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେବେ ସେପ୍ଟେମ୍ବରରେ ଏହି ସ୍ଥିତି ଆହୁରି ଚିନ୍ତାଜନକ ହେବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ୨୯ ତାରିଖ ଆଡ଼କୁ ରାଜ୍ୟରେ ଆଉ ଏକ ଲଘୁଚାପ ବର୍ଷାର ସମ୍ଭାବନା ରହିଥିବା ଆକଳନ କରାଗଲାଣି। ଚଳିତ ମୌସୁମୀ ଋତୁରେ ୧ ଜୁନ୍ ?ରୁ ଆଜି ୨୦ ଅଗଷ୍ଟ ମଧ୍ୟରେ ରାଜ୍ୟରେ ସର୍ବମୋଟ୍ ୭୩୬.୩ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ସ୍ୱାଭାବିକ ବର୍ଷା ୮୦୧.୫ ମିମି ତୁଳନାରେ ୮% କମ୍। ରାଜ୍ୟର ବେ ?ଦ୍ଧ ଓ ଝାରସୁଗୁଡ଼ାରେ ବର୍ତ୍ତମାନ ସୁଦ୍ଧା ଅତି ଅଧିକ ବର୍ଷା ରେକର୍ଡ ହୋଇଯାଇଥିବା ବେଳେ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଆଦି ୧୧ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ସ୍ଥିତିକୁ ଅଧିକ ସଙ୍ଗିନ କରିଛି। ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅଗଷ୍ଟ ମାସରେ ରାଜ୍ୟରେ ସମୁଦାୟ ବର୍ଷା ଏପର୍ଯ୍ୟନ୍ତ ପ୍ରାୟତଃ ସ୍ୱାଭାବିକ ରହିଛି। ୧ରୁ ୨୦ ଅଗଷ୍ଟ ଭିତରେ ରାଜ୍ୟରେ ସର୍ବମୋଟ ୨୫୩.୨ ମିମି ବର୍ଷା ରେକର୍ଡ ହୋଇଗଲାଣି। ଯାହାକି ସ୍ୱାଭାବିକ ବର୍ଷା ୨୫୦.୮ ମିମି ତୁଳନାରେ ୧% ଅଧିକ। କିନ୍ତୁ ଏହା ଏକ ଗାଣିତିକ ସଂଖ୍ୟା। ମୌସୁମୀ ଆରମ୍ଭରୁ ଏପର୍ଯ୍ୟନ୍ତ ରାଜ୍ୟରେ ସ୍ଥାନ ଓ ସମୟ ଅନୁଯାୟୀ, ବର୍ଷାର ଅସମାନତା ଖୁବ୍ ଅଧିକ ରହିଛି। ରାଜ୍ୟର ଫସଲ କ୍ଷତିଗ୍ରସ୍ତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାରେ ଅସମ୍ଭାଳ ସ୍ଥିତି ସୃଷ୍ଟି ହେଲାଣି। ବର୍ତ୍ତମାନ ଏଲ୍-ନିନୋ ଖୁବ୍ ଶକ୍ତିଶାଳୀ (୧୦୦%) ଓ ଆଇଓଡି ନ୍ୟୁଟ୍ରାଲ ରହିଛି। ଏଲ୍-ନିନୋର ପ୍ରଭାବ କେବେ କମ୍ ହେବ ତାହା ଏବେ ଅସ୍ପଷ୍ଟ। ପୁଣି ଏମ୍‌ଜେଓ (ମାଡେନ୍ ଜୁଲିଆନ୍ ଓସିଲେସନ୍) ମଧ୍ୟ ମୌସୁମୀକୁ ନିକଟରେ ପ୍ରଭାବିତ କରିବାର ସଙ୍କେତ ମିଳୁନାହିଁ। ଫଳରେ ସେପ୍ଟେମ୍ବର ମାସରେ ବର୍ଷାକୁ ନେଇ ସଙ୍ଗିନ ସ୍ଥିତି ଉପୁଜିପାରେ ବୋଲି ସେ କହିଛନ୍ତି। ଶ୍ରୀ ପଶୁପାଳକ କହିଛନ୍ତି, ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ପାଗ ଆଂଶିକ ମେଘୁଆ ସହ ସ୍ଥାନେ ସ୍ଥାନେ ହାଲୁକା ବର୍ଷା ହୋଇପାରେ। ୨୩ ଓ ୨୪ ତାରିଖରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପ ବର୍ଷା ଓ ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ବର୍ଷା ହୋଇପାରେ। ୨୭ ତାରିଖରେ ଧାନବାଦ ଓ ପାଟଣା ଉପରେ ଏକ ଘୂର୍ଣ୍ଣିବଳୟ ହୋଇପାରେ। ଫଳରେ ଝାଡ଼ଖଣ୍ଡ ଓ ବିହାରରେ ୨୩ରୁ ୨୮ତାରିଖ ମଧ୍ୟରେ ମଧ୍ୟମରୁ ଭାରି ବର୍ଷା ହେବା ବେଳେ ଓଡ଼ିଶାର ଉତ୍ତର ଆଭ୍ୟନ୍ତରରେ ୨୭ ଓ ୨୮ ତାରିଖରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଦକ୍ଷିଣ ଉପକୂଳରେ ମଧ୍ୟ କିଛି ବର୍ଷା ହୋଇପାରେ। ତେବେ ୨୮ ତାରିଖ ଆଗରୁ ଲଘୁଚାପର ସଙ୍କେତ ମିଳୁନଥିବାରୁ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବିସ୍ତୃତ ବର୍ଷାର ସମ୍ଭାବନା କମ୍। ମଡେଲ କହୁଛି, ୨୯ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇପାରେ। ଏହାଦ୍ୱାରା ରାଜ୍ୟରେ ବର୍ଷା ବଢ଼ିବ। କିନ୍ତୁ ଏହା ମୌସୁମୀକୁ କେତେ ସକ୍ରିୟ କରିବ, ବର୍ତ୍ତମାନଠାରୁ କହିବା କଷ୍ଟକର। ପାଣିପାଗ କେନ୍ଦ୍ରର ସୂଚନା ମୁତାବକ, ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୩.୫ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ସ୍ୱାଭାବିକ ବର୍ଷା ୧୫ ମିମିଠାରୁ ୭୭% କମ୍। ସର୍ବାଧିକ ବର୍ଷା ଗଜପତି ଜିଲ୍ଲାର ମୋହନାଠାରେ ୫୩.୬ ମିମି ରେକର୍ଡ ହୋଇଛି। ଏବେ ରାଜ୍ୟ ଉପରେ କୌଣସି ନିର୍ଦ୍ଦିଷ୍ଟ ପାଣିପାଗର ପ୍ରଭାବ ନଥିବାରୁ ଆସନ୍ତା ୩ ଦିନ ଯାଏଁ ରାଜ୍ୟରେ ବିକ୍ଷିପ୍ତ ବର୍ଷାର ସମ୍ଭାବନା ରହିଛି। ପରବର୍ତ୍ତୀ ଦୁଇ ଦିନରେ ବର୍ଷାର ବିସ୍ତୃତି ସାମାନ୍ୟ ବଢ଼ିପାରେ। ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ୨୩ରୁ ୨୪ ତାରିଖ ମଧ୍ୟରେ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ ଓ ଜରିମାନା

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଂଚଳରେ ଏକ ନାବାଳିକା ଦୁଷ୍କର୍ମକାରୀକୁ କେନ୍ଦ୍ରାପଡ଼ା ପୋକ୍ସୋ କୋର୍ଟ ୧୦ ବର୍ଷ ଜେଲ ଓ ୪ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ଘଟଣା ମୁତାବକ ଆଳି ଥାନା ଅଂଚଳର ଜଣେ ନାବାଳିକା ତା-୫.୦୭.୨୦୧୭ରେ ସଂଧ୍ୟା ସମୟରେ ଟ୍ୟୁସନରୁ ନିଜ ଘରକୁ ଫେରୁଥିବାବେଳେ ଗୋପାଳପୁର ଗ୍ରାମର ଯୁବକ ଚୁନା ଓ ମୁସ୍ତାଫର ଖାନ ଛାତ୍ରୀଟିକୁ ଅପହରଣ କରି କାର୍ ଯୋଗେ ପ୍ରଥମେ ଇନ୍ଦୁପୁର ଓ ପରେ ବିଶାଖାପାଟଣା ଓ ହାଇଦ୍ରାବାଦରେ ୧୨ ଦିନ ପର୍ଯ୍ୟନ୍ତ ଜୋର ଜବରଦସ୍ତ ଅଟକ ରଖିବା ସହ ଶାରୀରିକ ସମ୍ବନ୍ଧ ଓ ନିର୍ଯ୍ୟାତନା ଦେଇଥିଲା। ଛାତ୍ରୀଟି ଘରକୁ ନଫେରିବାରୁ ତାର ମା ଜୁଲାଇ ୬ ତାରିଖରେ ଆଳି ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୧୩୩/୧୭ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇ ଥିଲା। ଖବର ପାଇ ମୁସ୍ତାଫର ଟ୍ରେନ ଯୋଗେ ନାବାଳିକା କୁ ଖୋର୍ଦ୍ଧାକୁ ଆଣି ସେଠାରୁ ବସ ଯୋଗେ କେନ୍ଦ୍ରାପଡା ତିନିମୁହାଣୀ ଛକରେ ଛାଡିଦେଇ ପଳାଇଥିଲା। ପୋଲିସ ଜୁଲାଇ ୧୮ ତାରିଖରେ ନାବାଳିକା କୁ ଉଦ୍ଧାର କରି ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତ କୁ ଧରିବା ପାଇଁ ଉଦ୍ୟମ କରିଥିଲା। ତେବେ ଆସାମୀ ଦୁଇ ବର୍ଷ ଫେରାର ରହିବା ପରେ ପୋଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ମାମଲାର ବିଚାର କରି ଏଡିଜେ ତଥା ବିଚାରପତି (ପୋକ୍ସୋ) ଶ୍ରୀମତୀ ପ୍ରଣତୀ ପଟ୍ଟନାୟକ ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଆସାମୀକୁ ୧୦ ବର୍ଷ ଜେଲ ଓ ୪ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଆସାମୀ ଏକ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବ ବୋଲି ରାୟ ଦିଆଯାଇଛ। ଏହି ମାମଲାକୁ ସରକାରୀ ଓକିଲ ମନୋଜ କୁମାର ସାହୁ ପରିଚାଳନା କରିଥିଲେ।

## ବିଭିନ୍ନ ପ୍ରସଙ୍ଗ ନେଇ ବ୍ଲକ ଅଫିସ ଘେରିଲା କଂଗ୍ରେସ

ପୁରୀ, ୨୧/୦୭ (ନି.ପ୍ର): ଓଡ଼ିଶାରେ ଗଣତନ୍ତ୍ର ନାମରେ ଜନତନ୍ତ୍ର ଚାଲିଛି। ଜଣେ ନାମଧାରୀ ମୁଖିଆ ରହିଥିବା ବେଳେ ଅନ୍ୟ ଜଣେ ମୁଖ୍ୟମନ୍ତ୍ରୀଙ୍କ ପରି କାମ କରି ବିଭିନ୍ନ ଉପାୟରେ ପିସି ଜରିଆରେ ଦଳକୁ ମଜଭୁତ କରିବାରେ ଲାଗିଛନ୍ତି। ଓଡ଼ିଶାର ବିଭିନ୍ନ ବ୍ଲକରେ ପିସିର ମାତ୍ରା ଅତ୍ୟଧିକ ହୋଇ ଗରିବ ଜନତାଙ୍କୁ ବାଧିଲାଣି। ବିଜେଡ଼ି ସରକାର ପିସିର ସରକାର ବୋଲି କଂଗ୍ରେସ କର୍ମୀମାନେ ନାରବାଜି ଦେଇଥିଲେ। ବିଭିନ୍ନ ବ୍ଲକରେ ୧୫ରୁ ୫୦ ପ୍ରତିଶତ ପିସି ଚାଲିଛି। ପ୍ରତି ପଚାଂୟତକୁ ୫୦ଲକ୍ଷ ଦେଇ ଢେର ମାତ୍ରାରେ ପିସି ନେବା ପାଇଁ ଯୋଜନା ଚାଲିଛି। ବିଭିନ୍ନ ଦାବିନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପୁରୀ ସଦର ବିଡ଼ିଓଙ୍କୁ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ଜିଲ୍ଲା ଜୟୀନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିକ୍ଷୋଭରେ ଅଂଶ ଗ୍ରହଣ କରିଥିଲେ।

# କେଏମ୍‌ବିବିରେ ନୂତନ ଛାତ୍ରଛାତ୍ରୀଙ୍କ ଅନୁସ୍ଥାପନ ସମାରୋହ




ଖୋର୍ଦ୍ଧା, ୨୧/୦୭ (ନି.ପ୍ର): ଉଚ୍ଚ ଶିକ୍ଷା ପାଇଁ ଘରୁ ଗୋଡ଼ ବାହାରକୁ କାଢ଼ିବାକୁ ପଡ଼ିବ। ଏହି ସମୟରେ ପିତା ମାତାଙ୍କ ଆକଟ, ପରାମର୍ଶ ଓ ପ୍ରତ୍ୟକ୍ଷ ସହାୟତା ନଥିବ। ନିଜର ଲକ୍ଷ୍ୟପଥରେ ନିଜକୁ ନିଜେ ହିଁ ନିୟନ୍ତ୍ରଣ କରି ଆଗକୁ ବଢ଼ିବାକୁ ପଡ଼ିବ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜକୁ ମାର୍ଗଦର୍ଶନ ଦେବା ପାଇଁ ସବୁଠାରୁ ଉତ୍କୃଷ୍ଟ ଉପାୟ ହେଉଛି, ଦିନର କୌଣସି ସମୟରେ ନିଜର ବାପାମା’ଙ୍କୁ କିଛି ସମୟ ମନେ ପକାଇବା। ଏହାଦ୍ୱାରା ବିଶୃଙ୍ଖଳିତ ମନ ଶୃଙ୍ଖଳିତ ହେବ, ନିଜର ଚରିତ୍ର ନଷ୍ଟ ହେବନାହିଁ ବୋଲି ଖୋର୍ଦ୍ଧା ଉପକଣ୍ଠ ଦଳେଇପୁଟଠାରେ ଥିବା କନକମଞ୍ଜରୀ ବ୍ରଜବନ୍ଧୁ ବୈଷୟିକ ମହାବିଦ୍ୟାଳୟ (କେଏମ୍‌ବିବି)ର ନୂତନ ଛାତ୍ରଛାତ୍ରୀଙ୍କ ଅନୁସ୍ଥାପନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡିଶା ୟୁନିର୍ଭସିଟି ଅଫ୍ ଟେକ୍‌ନଲୋଜିକାଲ୍ ରିସର୍ଚ୍ଚ (ଓୟୁଟିଆ)କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ପରାମର୍ଶ ଦେଇଛନ୍ତି। ନିଜ ଅଭିଭାଷଣରେ ପ୍ରଫେସର ବିଶ୍ୱାଳ କହିଥିଲେ ଯେ କାହାରି ଚାପରେ ପାଠ ପଢ଼ା ଭଲ ହୁଏନାହିଁ କି ଏହାଦ୍ୱାରା ଜୀବନ ଗଠନ ହୁଏନାହିଁ। ବେ ?ଷୟିକ ଶିକ୍ଷା ଗ୍ରହଣ କରି କେବଳ ଏକ ଯନ୍ତ୍ରୀ ହେବା ପାଇଁ ଲକ୍ଷ୍ୟ ରଖିବା ଠିକ୍ ନୁହେଁ। ସଂଗୀତ, ଫଟୋଗ୍ରାଫି, କ୍ରୀଡ଼ା, ଅଭିନୟ ଆଦି ଭଳି ନିଜର ଅଭିଳାଷ ଦ୍ୱାରା ମଧ୍ୟ ବୃତ୍ତି ନିର୍ଦ୍ଧାରଣ କରିହେବ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ସିଏସ୍‌ଏମ୍ ଟେକ୍ନୋଲୋଜି ମୁଖ୍ୟ ଡାଟା ଅଧିକାରୀ ନୀଳାଦ୍ରି ସାମନ୍ତରାୟ କହିଥିଲେ ଯେ କିଏ, କେଉଁଠାରୁ ଆସିଛି ତାହା ଗୁରୁତ୍ୱ ରଖେନାହିଁ। ଜ୍ଞାନ ଓ ଜ୍ଞାନୀ ହିଁ ସବୁଠାରେ ସମ୍ମାନ ପାଏ। ପାଠ ପଢ଼ିବା ପ୍ରତି ମନଯୋଗ ଓ ପରିଶ୍ରମ ହିଁ ବିଦ୍ୟାର୍ଜନରେ ସଫଳତାର ମୂଳମନ୍ତ୍ର। କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ସମ୍ପର୍କରେ ଆଲୋଚନା କରି ଏହାଦ୍ୱାରା ନିଯୁକ୍ତ ହ୍ରାସ ପାଇବ ବୋଲି ଭାବିବା ଭୁଲ ବୋଲି କହିଥିଲେ। ଏକ ସର୍ଭେରେ ଏହାଦ୍ୱାରା ଯେତିକି ନିଯୁକ୍ତି ହ୍ରାସ ପାଇବ ସେହି ସଂଖ୍ୟାଠାରୁ ୭୫ ନିଯୁତ ଅଧିକ ନିଯୁକ୍ତି ସୃଷ୍ଟି କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅନୁଷ୍ଠାନର ଅଧ୍ୟକ୍ଷ ତଥା ‘ସମ୍ବାଦ’ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଏହି ୪ ବର୍ଷର ଶିକ୍ଷା ସବୁଠାରୁ ମୂଲ୍ୟବାନ। ଏହାଦ୍ୱାରା ନିଜର ଭବିଷ୍ୟତ ଜୀବନ ନିର୍ଦ୍ଧାରଣ ହୋଇଥାଏ। ସ୍ନାତକ ସମୟରେ ଘର ଛାଡ଼ି ହଷ୍ଟେଲରେ ରହିବାକୁ ପଡ଼େ। ଏହି ସମୟରେ ନିଜକୁ ଏକ ବୃହତ ପରିବାର ସଦସ୍ୟ ବୋଲି ମନେ କରିବା ଉଚିତ। ପରସ୍ପର ମନୋମାଳିନ୍ୟ, ବିବାଦ ତ ରହିବ କିନ୍ତୁ ଏହାକୁ ଏକ ସୀମାମଧ୍ୟରେ ରଖିବାକୁ ପଡ଼ିବ। ଗୋପବନ୍ଧୁ ଓ ତାଙ୍କର ସତ୍ୟବାଦୀ ବନ୍ଧୁଙ୍କ ଜୀବନର ସ୍ମୃତିଚାରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନିଜର ଜୀବନକାଳରେ ରାଜ୍ୟ, ଦେଶ, ଅନୁଷ୍ଠାନକୁ ଯେଉଁଭଳି ଦେଖିଥାଉ ତା’ଠାରୁ ଉନ୍ନତ ଦେଖି ମୃତ୍ୟୁଲଭିବା ଜୀବନର ଧ୍ୟେୟ ହେବା ଉଚିତ ବୋଲି ପରାମର୍ଶ ଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ସମୃଦ୍ଧିମୟ ଶିକ୍ଷାଜୀବନର କାମନା କରିଥିଲେ। ମହାବିଦ୍ୟାଳୟର ନିର୍ଦ୍ଦେଶକ (ପ୍ରଶାସନ) ପ୍ରଫେସର ସରୋଜ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳ ଅଧ୍ୟୟନ ପାଇଁ ଆଶୀର୍ବାଦ ଦେବା ସହ ଇଂରାଜୀ ସହ ନିଜର ମାତୃଭାଷାକୁ ମଧ୍ୟ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୌମ୍ୟଦର୍ଶନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଡିନ୍ (ଶିକ୍ଷା) ଡ. ଗଣେଶ ପ୍ରସାଦ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକ, ପିତାମାତା, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ବରିଷ୍ଠ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ନ୍ୟାସନାଲ୍ ଦଳିତ ମୁଭ୍‌ମେଣ୍ଟ ଫର ଜଷ୍ଟିସ ଓ ଲୋହିଆ ବିଚାରମଞ୍ଚ ପକ୍ଷରୁ ‘ସାମାଜିକ ନ୍ୟାୟ ସଭା’




ଭୁବନେଶ୍ୱର, ୨୧/୦୭ (ନି.ପ୍ର): ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ଉପରେ ହିଂସା ଓ ନିର୍ଯାତନା ବଢ଼ିବଢ଼ି ଚାଲିଥିବା ବେଳେ ଅପେକ୍ଷାକୃତ କମ୍ ? ମାମଲାରେ ଦୋଷୀମାନେ ଦଣ୍ଡ ପାଉଛନ୍ତି। ତେଣୁ ନିର୍ଯାତିତମାନେ ନ୍ୟାୟ ପାଇପାରୁନାହାନ୍ତି ବୋଲି ଏନ୍‌ସିଆରବି ତଥ୍ୟରୁ ଜଣାପଡ଼ିଛି। ଏହି ତଥ୍ୟ ଅନୁସାରେ ୨୦୧୭ ମସିହାରେ ୧୯୬୯ଟି ନିର୍ଯାତନା ଘଟଣାରେ ଏଫ୍‌ଆଇଆର ପଞ୍ଜୀକୃତ ହୋଇଥିବା ବେଳେ ୨୦୨୧ ମସିହାରେ ୨୩୨୭ଟି ମାମଲା ପଞ୍ଜୀକରଣ କରାଯାଇଥିଲା। ଅନୁସୂଚିତ ଜନଜାତିମାନଙ୍କ ଉପରେ ୨୦୨୧ରେ ୬୬୭ଟି ମାମଲା ପଞ୍ଜୀକରଣ ହୋଇଛି। କିନ୍ତୁ ୨୦୨୧ରେ ଦୋଷୀ ସାବ୍ୟସ୍ତ ହାର ଅନୁସୂଚିତ ଜାତି ମାମଲାଗୁଡିକରେ ମାତ୍ର ୦.୭%। ମାତ୍ର ଅନୁସୂଚିତ ଜନଜାତି ମାମଲାଗୁଡ଼ିକରେ କେହି ଜଣେ ହେଲେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ସର୍ବଭାରତୀୟ ସ୍ତରରେ ଚଳିତ ବର୍ଷ ଦୋଷୀ ସାବ୍ୟସ୍ତ ହାର ଅନୁସୂଚିତ ଜାତି କ୍ଷେତ୍ରରେ ୩୭% ଥିବା ବେଳେ ଅନୁସୂଚିତ ଜନଜାତି ମାମଲାରେ ୨୮.୧% ରହିଛି। ଓଡ଼ିଶାରେ ୨୦୨୧ ମସିହାରେ ଅନୁସୂଚିତ ଜାତି ମାମଲାରେ ୧୪୫ ଟି ଓ ଅନୁସୂଚିତ ଜନଜାତି କ୍ଷେତ୍ରରେ ୨୪ଟି ମାମଲା ଶେଷ ହୋଇଛି। ଉଭୟ ବର୍ଗର ୯୯%ରୁ ଅଧିକ ମାମଲା ବିଚାରାଳୟଗୁଡ଼ିକରେ ପଡ଼ିରହିଛି। ରାଜ୍ୟରେ ମାତ୍ର ୩ଟି ସ୍ୱତନ୍ତ୍ର ନ୍ୟାୟାଳୟ କାର୍ଯ୍ୟ କରୁଛି। ମାମଲାଗୁଡ଼ିକରେ ପଞ୍ଜୀକରଣ, ତଦନ୍ତ, କୋର୍ଟ ପରିଚାଳନା ତଥା ନିର୍ଯାତିତଙ୍କୁ ସହାୟତା ଓ ଥଇଥାନ କ୍ଷେତ୍ରରେ ଅନେକ ଅବହେଳା କରାଯାଉଥିବାରୁ ନ୍ୟାସନାଲ୍ ଦଳିତ ମୁଭ୍‌ମେଣ୍ଟ ଫର ଜଷ୍ଟିସ କ୍ଷୋଭ ପ୍ରକାଶ କରିଛି। ଆଜି ଅନୁଷ୍ଠାନ ପକ୍ଷରୁ ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସହଯୋଗରେ କଟକସ୍ଥିତ ବ୍ଲୁ ଲାଗୁନ୍ ହୋଟେଲ ପରିସରରେ ଦୁଇଟି ସ୍ୱତନ୍ତ୍ର ‘ସାମାଜିକ ନ୍ୟାୟ ସଭା’ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ କଟକ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ନିକଟରେ ୧୩ଟି ମାମଲାର ନଥି ଉପସ୍ଥାପନ କରାଯାଇଛି ଓ ନିର୍ଯାତିତମାନେ ନିଜର ପକ୍ଷ ଉପସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ କଟକ ଉପଜିଲ୍ଲାପାଳ କମଳଜିତ ଦାସ ଶୁଣାଣି କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ନରେ ୫ଟି ମାମଲାର ସ୍ୱତନ୍ତ୍ର ଶୁଣାଣି ଏକ ନାଗରିକ ଜୁରି ମଣ୍ଡଳୀ ଦ୍ୱାରା କରାଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜ୍ଞ ଶିଶିର ଦାସ, ପ୍ରଦୀପ ପଟ୍ଟନାୟକଙ୍କ ସମେତ ଆଡ୍‌ଭୋକେଟ ସବିତା ସୋରେନ, ଆଡ୍‌ଭୋକେଟ କ୍ରାନ୍ତିପ୍ରଭା ମୁଖୀ, ସମାଜସେବୀ ଡଲି ଦାସ, ସମାଜସେବୀ ଶର୍ମିଷ୍ଠା ନାଥଙ୍କୁ ନେଇ ଗଠିତ ଜୁରି ମଣ୍ଡଳୀ ଶୁଣାଣି କରିଥିଲେ। ଆମ୍ବେଦକର ଲୋହିଆ ବିଚାର ମଞ୍ଚର ସଭାପତି ସଂଗ୍ରାମ ମଲ୍ଲିକ, କିସାନ ପଟ୍ଟନାୟକ, ତପନ ସାମଲ, ଅରବିନ୍ଦ ମଲ୍ଲିକ, ବିରଞ୍ଚି ନାୟକ, ନୟନା ନାୟକ ଓ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅସରାଏ ବର୍ଷାରେ ଫଂଚସଖା ପଡିଆ ସାମ୍ନା ରାସ୍ତାରେ ଜମୁଛି ଆଣ୍ଠୁଏ ଉଚ୍ଚର ପାଣି

ପୁରୀ, ୨୧/୦୭ (ନି.ପ୍ର): ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷିଗୋପାଳ ସ୍ଥିତ ସାକ୍ଷୀଗୋପୀନାଥଙ୍କ ମନ୍ଦିରକୁ ଦୈନିକ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥାନ୍ତି। ତେବେ ସମ୍ପୃକ୍ତ ଅଂଚଳର ରାସ୍ତାଘାଟର ଅବସ୍ଥା ବର୍ଷାଦିନେ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାର କେଉଁଠି ଆଣ୍ଠୁଏ ଖାଲ ତ କେଉଁଠୁ ଗୋଡି ଉଠିଗଲାଣି। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ରାସ୍ତା ଅବସ୍ଥା ଦେଖି ଚିନ୍ତାରେ ପଡିଲେଣି। ସାକ୍ଷିଗୋପାଳ ବସଷ୍ଟାଣ୍ଡ ଠାରୁ ସାକ୍ଷୀଗୋପୀନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଏବଂ ମନ୍ଦିର ଠାରୁ ବନପୁର ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଅସରାଏ ବର୍ଷା ହେଲେ ସାକ୍ଷିଗୋପାଳ ବଜାରର ବିଭିନ୍ନ ସ୍ଥାନରେ ବର୍ଷାପାଣି ଜମି ରହିବା ସହ ଏହା କର୍ଦ୍ଦମାମୟ ହୋଇପଡୁଛି। ଏହାଦ୍ୱାରା ଯାନବାହନ ଚଳାଚଳ ଓ ପଥଚାରୀମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅସରାଏ ବର୍ଷା ହେଲେ ସାକ୍ଷିଗୋପାଳ ମନ୍ଦିର ଠାରୁ ବନପୁର ଛକ ଆଡକୁ ରାସ୍ତାର ଫଂଚସଖା ପଡିଆ ସମ୍ମୁଖ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ଯାହାଫଳରେ ଦୁଇଚକିଆ ଯାନ ତଥା ସାଇକେଲ, ମୋଟର ସାଇକେଲ ଏବଂ ପଥଚାରୀମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଲଗାଣ ବର୍ଷା ହେଲେ ସ୍ଥିତି ଆହୁରି ଜଟିଳ ହୋଇପଡୁଛି। ତେଣୁ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ତୁରନ୍ତ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ଏହି ରାସ୍ତାର ଶାରୁଗଡ଼ିଆ ଛକ ଠାରୁ ବନପୁର ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଲୋକେ ଘର ତିଆରି ପାଇଁ ବାଲି, ମାଟି, ଗୋଡ଼ି, ମେଂଟାଲ ରାସ୍ତା କଡ଼ରେ ଜମା କରି ରଖୁଥିବା ବେଳେ ଏହା ଗଦାରୁ ଖସି ଖସି କ୍ରମଶଃ ରାସ୍ତା ଉପରକୁ ଚାଲି ଆସୁଥିବାରୁ ଦୁଇ ଚକିଆ ଓ ଚାରିଚକିଆ ଯାନ ଯାତାୟାତ ବେଳେ ଛୋଟ ବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ସତ୍ୟବାଦୀ ବିଡ଼ିଓ, ଜିଲ୍ଲାପାଳ ଏବଂ ବିଧାୟକ ଏ ଦିଗରେ ଦୃଷ୍ଟି ଦେବା ସହ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଅଂଚଳର ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବି ହେଉଛି।

# ମୋହନଦାସ କରମଚାନ୍ଦ ସଂସ୍କୃତିକ ପରିଷଦ ଫୁଲବାଣିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

କନ୍ଧମାଳ, ୨୧/୦୭ (ନି.ପ୍ର): ୧୯୬୧ ମସିହା ଅକ୍ଟୋବର ଦୁଇ ତାରିଖର ରେ ଅବିଭକ୍ତ ଉଦ ଓ କନ୍ଧମାଳ ଜିଲ୍ଲାରେ ଜନ୍ମ ନେଇଥିଲା ଫୁଲବାଣୀ ସଦର ମହକୁମା ସ୍ଥିତ ମୋହନଦାସ କରମଚାନ୍ଦ ସାଂସ୍କୃତିକ ଅନୁଷ୍ଠାନ। କନ୍ଧମାଳ ଜିଲ୍ଲାରେ ସାମାଜିକ, ସାଂସ୍କୃତିକ କାର୍ଯ୍ୟ ପରିଚାଳନା କରିବାରେ ଏହା ଏକ ପ୍ରମୁଖ ଅନୁଷ୍ଠାନ। ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଶିକ୍ଷାର ବିକାଶ ଏହାର ମୂଳ ଲକ୍ଷ୍ୟ। ଏହି ଅନୁଷ୍ଠାନ ଦ୍ୱାରା କରା ଯାଉଥିବା ଓଡିଶୀ ନୃତ୍ୟ ,ବାଦ୍ୟ, ସଙ୍ଗୀତ ପରୀକ୍ଷାରେ ବହୁ ଛାତ୍ର ଛାତ୍ରୀ ପାସ କରି ବିଭିନ୍ନ ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷକ ରୂପେ ନିଯୁକ୍ତି ପାଇଛନ୍ତି। ନିଜସ୍ୱ ନୃତ୍ୟ ସ୍କୁଲ ମଧ୍ୟ ପରିଚାଳନା କରୁଛନ୍ତି। ବହୁ ଛାତ୍ର ଛାତ୍ରୀ ଏହାର ସୁଯୋଗ ନେଉଛନ୍ତି। ଏହି ଅନୁଷ୍ଠାନ ଦ୍ୱାରା ଦୀର୍ଘ ବର୍ଷ ହେବ ଆୟୋଜନ କରାଯାଉଥିବା ଶିଶୁ କ୍ରୀଡା ଉତ୍ସବ ଦ୍ୱାରା ବହୁ କ୍ରୀଡା ବିତ ଉପକୃତ ହୋଇଛନ୍ତି ।ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ କନ୍ଧମାଳର ଗୌରବ ବଢ଼ାଇଛନ୍ତି। କନ୍ଧମାଳର ଏହି ସର୍ବପୁରାତନ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଭ୍ୟ ପ୍ରତାପ କୁମାର ପାତ୍ର ନିର୍ବାଚନ ପରିଚାଳନା କରିଥିଲେ। ସଭାପତି ରୂପେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଉପସଭାପତି ରୂପେ ବନ ବିହାରୀ ନନ୍ଦ, ଅଶୋକ କୁମାର ମିଶ୍ର, ସାଧାରଣ ସମ୍ପାଦକ ରୂପେ ଶରତ ଚନ୍ଦ୍ର ସାହୁ ସହ ସାଧାରଣ ସମ୍ପାଦକ ରୂପେ ସତ୍ୟବ୍ରତ ପାତ୍ର, କୋଷାଧ୍ୟକ୍ଷ ରୂପେ କିଶୋର ମିଶ୍ର ନିର୍ବାଚିତ ହୋଇଛନ୍ତି। ପାଠାଗାର ସମ୍ପାଦକ ରୂପେ ବିପିନ ବିହାରୀ ପଟ୍ଟନାୟକ, ପାଠାଗାର ସହାୟକ ରୂପେ ରମାକାନ୍ତ ମାଝୀ, କଳା ସାହିତ୍ୟ ସମ୍ପାଦକ ରୂପେ ଅଧ୍ୟାପିକା ହରପ୍ରିୟା ମିଶ୍ର, ନାଟ୍ୟ ସଂସ୍କୃତି ସମ୍ପାଦକ ରୂପେ ସଚିଦାନନ୍ଦ ମହାପାତ୍ର, କ୍ରୀଡା ସମ୍ପାଦକ ରୂପେ ଦିଲ୍ଲୀପ କୁମାର ବାଘ, ସମାଜସେବା ସମ୍ପାଦକ ରୂପେ ଶଶୀଭୂଷଣ ପ୍ରଧାନ, ମହିଳା ସମ୍ପାଦିକା ରୂପେ ବିରାଜିନୀ ମହାପାତ୍ର ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୌରୀଶଙ୍କର ବେହେରା, ସୂର୍ଯ୍ୟ ନାରାୟଣ ମହାନ୍ତି, ମୋଚିରାମ ମିଶ୍ର ,ଶରତ ଚନ୍ଦ୍ର ପଟ୍ଟନାୟକ,ପ୍ରସନ୍ନ ବିଷୋୟୀ, ସୁବଳ ଚନ୍ଦ୍ର ନାୟକ, ବୈଜୟନ୍ତୀବାଳା ମହାପାତ୍ରଙ୍କୁ ମନୋନୀତ କରାଯାଇଅଛି। ଶରତ ଚନ୍ଦ୍ର ମହାନ୍ତି ଙ୍କୁ ସ୍ୱତନ୍ତ୍ର କାର୍ଯ୍ୟ କାରିଣୀ ସଭ୍ୟ ରୂପେ ମଧ୍ୟ ମନୋନୀତ କରାଯାଇଅଛି। କିଶୋର ଚନ୍ଦ୍ର ବେହେରା, ବିଶ୍ୱ ବିହାରୀ କର, ମହମଦ ନାଜିର ଆକତାର, ବିଜୟ କୁମାର ମହାନ୍ତି, ପ୍ରତାପ କୁମାର ପାତ୍ର,ନାରାୟଣ ସାହୁ,ଓ ହୃଦୟ ରଞ୍ଜନ ପାଣିଗ୍ରାହୀଙ୍କୁ ଉପଦେଷ୍ଟା ରୂପେ ସର୍ବସମ୍ମତି କ୍ରମେ ଚୟନ କରାଗଲା । ଶେଷରେ ନବ ନିର୍ବାଚିତ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ସାହୁ ସମସ୍ତ ନୂତନ କର୍ମକର୍ତାମାନଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ଅଗଷ୍ଟ ୨୦୨୩, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ଚନ୍ଦ୍ରଯାନ ...

କାହିଁ କେଉଁ ଆଦିମ କାଳରୁ ମାନବ ସମାଜର ବହୁ ନିକଟ ସମ୍ବନ୍ଧ ରହିଛି ପୃଥିବୀର ଏକମାତ୍ର ଉପଗ୍ରହ ଚନ୍ଦ୍ର ସହିତ। ମାନବ ସଭ୍ୟତାର ବିଭିନ୍ନ ଭୌଗୋଳିକ ଅବସ୍ଥାନରୁ ଚନ୍ଦ୍ରମା ସମ୍ପର୍କିତ ଜ୍ଞାନ-ବିଜ୍ଞାନ, କାହାଣୀ-ଲୋକକଥା ତଥା ବିଭିନ୍ନ ସୃଜନିକା କ୍ଷେତ୍ରରେ ଚନ୍ଦ୍ରମାର ଆଧିପତ୍ୟ। ଭାରତୀୟମାନଙ୍କର ଚନ୍ଦ୍ରମା ସହିତ ଆଦାନ-ପ୍ରଦାନ ଜ୍ୟୋତିର୍ବିଜ୍ଞାନ, ଜ୍ୟୋତିର୍ବିଦ୍ୟା ଠାରୁ ଆରମ୍ଭ କରି ଆଇମା' କାହାଣୀ ପେଡ଼ିର ଅସୁମାରୀ ଗଳ୍ପ ଚନ୍ଦ୍ରକୁ ନେଇ ଆମେ ସମସ୍ତେ ପିଲାଟି ଦିନରୁ ଶୁଣି ଆସିଛୁ। ପ୍ରିୟାର ଚନ୍ଦ୍ରମୁଖଠାରୁ ଆରମ୍ଭ କରି ଚନ୍ଦ୍ରମାରେ ଶଶକ ଚିହ୍ନର ପରିକଳ୍ପନା ତଥା ଜହ୍ନମାମୁର ଆତ୍ମିକ ସମ୍ବୋଧନ ଆମ ମନସ୍ତତ୍ତ୍ୱରେ ଏକ ଧ୍ରୁବୀୟ ଅଧ୍ୟାୟ ହୋଇ ରହିଆସିଛି। ସେଇଥିପାଇଁ ତ ୧୯୬୯ ଜୁଲାଇ ୨୦ ତାରିଖରେ ଆପୋଲୋ ୧୧ ଯାନର ଚନ୍ଦ୍ରାବତରଣ ପୃଥିବୀର ଚନ୍ଦ୍ରାବିଳାସ ଅଧ୍ୟାୟର ଏକ ନୂତନ ଯୁଗ ସୃଷ୍ଟି କଲା। ଆଜି କିନ୍ତୁ ଜହ୍ନମାମୁର ବୈଜ୍ଞାନିକ ସଂଜ୍ଞା ବଦଳିସାରିଛି। ଭାରତୀୟ ମହାକାଶ ଗବେଷଣାକେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷ ଡ. କେ ଶିବନ୍ ଭାରତୀୟ ଚନ୍ଦ୍ରଯାନ -୨ର ଚନ୍ଦ୍ରପୃଷ୍ଠରେ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ କୁନି ପିଲା ପରି କାନ୍ଦିବା ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ତାଙ୍କୁ ସାନ୍ତ୍ୱନା ଦେବା ଚିତ୍ର ସ୍ପଷ୍ଟ ମନେ ପଡ଼େ। ତାଙ୍କ ଲୁହର ପ୍ରତ୍ୟେକ ବୁନ୍ଦାରେ ଲେଖାଥିଲା ଚନ୍ଦ୍ରଯାନ-୩ର ଚନ୍ଦ୍ରପୃଷ୍ଠରେ ଅବତରଣ ଉଦ୍ୟମର ଭାବି ସଫଳତା। ଗତ ସନ୍ଧ୍ୟାରେ ଯେବେ ଜଣାଗଲା ଯେ ରୁଷ୍‌ର ମହାକାଶ ଯାନ ଲୁନା-୨୫ର ଚନ୍ଦ୍ର ପରିକ୍ରମା ଯାନ ବୈଜ୍ଞାନିକମାନଙ୍କର ଅଣଆୟତ୍ତରେ ଚନ୍ଦ୍ରପୃଷ୍ଠରେ ଦୁର୍ଘଟଣାଗ୍ରସ୍ତ ହୋଇଛି, ସେତେବେଳେ ସମସ୍ତ ଭାରତୀୟଙ୍କ ମନରେ ଯୁଗପତ୍ ବିଫଳତାର ଦୁଃଖ ଓ ସଫଳତାର ସ୍ୱପ୍ନାନନ୍ଦ ଅନୁଭୂତ ହୋଇଥିଲା। ମହାକାଶ ବିଜ୍ଞାନରେ ସବୁଠାରୁ ଅଗ୍ରଣୀ ରୁଷ ୧୯୫୯ ମସିହାରେ ଲୁନାର ୨ ମହାକାଶଯାନ ଦ୍ୱାରା ଚନ୍ଦ୍ରପୃଷ୍ଠକୁ ସଫଳ ଅଭିଯାନ କରିପାରିଥିଲା। ମହାକାଶକୁ ପ୍ରଥମ ଯାନ ଉତ୍‌କ୍ଷେପଣ, ପ୍ରଥମ ପ୍ରାଣୀ ଉତ୍‌କ୍ଷେପଣ ଓ ପ୍ରଥମ ମହିଳାଙ୍କୁ ସଫଳ ଭାବେ ପଠାଇ ପାରିଥିବା ରୁଷର ମହାକାଶ ଗବେଷଣା କେନ୍ଦ୍ର 'ରସ୍‌କସ୍‌ମସ୍' ଯେତେବେଳେ ଲୁନା ୨୫ର ଯାତ୍ରା ଘୋଷଣା କଲା ସେତେବେଳକୁ ଭାରତୀୟ ଚନ୍ଦ୍ରଯାନ-୩ ଚନ୍ଦ୍ର ପରିକ୍ରମା କକ୍ଷରେ ଅବସ୍ଥାପିତ ହୋଇସାରିଥିଲା। ସେତେବେଳେ ଲାଗିଲା, ସତେଯେମିତି ଚନ୍ଦ୍ରଯାନ ୩ର ଚନ୍ଦ୍ରର ଦକ୍ଷିଣ ଧ୍ରୁବରେ ଅବତରଣ ଭଳି ଏକ ବିରଳ ବିଶ୍ୱ ରେକର୍ଡ ଆମ ହାତରୁ ଖସିଗଲା। କାରଣ ଅଭିଜ୍ଞ, ଅନୁଭବୀ ଓ ସଫଳ ରୁଷ ମହାକାଶ ବୈଜ୍ଞାନିକମାନେ ପୁଣି ଥରେ ଚନ୍ଦ୍ରକୁ ମହାକାଶ ଯାନ ପଠାଇ ଚନ୍ଦ୍ରରେ ଦକ୍ଷିଣ ଧ୍ରୁବରେ ଅବତରଣ କରାଇବା ଅତି ସହଜ କଥା ହେବ। କେହି କେହି ଭାରତୀୟ ଏହି ଖବରରେ ଦୁଃଖୀ ହୋଇ ମନେ ମନେ ଚିନ୍ତା ଜାହିର କରୁଥିଲେ। ତେଣୁ ସତରେ ଯେତେବେଳେ ରୁଷର ଚନ୍ଦ୍ରାବତରଣ ଯାନଟି ଦୁର୍ଘଟଣାଗ୍ରସ୍ତ ହେଲା, ତାହା ମାନବ ଜାତିର ଗୋଟିଏ ବିଫଳତା ଭାବରେ ଆମକୁ ଦୁଃଖିତ କରୁଥିଲା ସତ, କିନ୍ତୁ ଅନ୍ୟପକ୍ଷରେ ଚନ୍ଦ୍ରଯାନ-୩ର ଆଉ ଦୁଇଦିନ ପରେ ଚନ୍ଦ୍ରାବତରଣ ବିଶ୍ୱରେ ଏକ ବିରଳ ରେକର୍ଡ ପ୍ରତିଷ୍ଠା କରିବ ବୋଲି ଆମେ ସବୁ ଭାରତୀୟ ପୁଣି ସ୍ୱପ୍ନ ବିଭୋର ହୋଇ ଉଠିଲୁ। ମନେ ପଡ଼ିଲା ଇସ୍ରୋର ପୂର୍ବତନ ଅଧ୍ୟକ୍ଷଙ୍କ ଆଖିରୁ ଝରିପଡ଼ିଥିବା ଲୁହ ଟୋପା। ସେପଟେ ବିଫଳତାର ନିରାଶା ଓ ଏପଟେ ସଫଳତାର ଆଶାର ଆନନ୍ଦ। ଚନ୍ଦ୍ରଯାନ-୩ ଏବେ ନିର୍ଦ୍ଧାରିତ ଗତିପଥରେ ଚନ୍ଦ୍ର ପରିକ୍ରମା କରିଚାଲିଛି ଏବଂ ତା'ର ଚନ୍ଦ୍ରପୃଷ୍ଠରୁ ପରିକ୍ରମା କକ୍ଷର ଉଚ୍ଚତା ଧୀରେ ଧୀରେ ହ୍ରାସ କରାଯାଉଛି। ସେତେବେଳେ ସମ୍ପୂର୍ଣ୍ଣ ସୌରଶକ୍ତିରେ ଏହି ଯାନ ପରିଚାଳିତ ହେବା ସହିତ ଚନ୍ଦ୍ରପୃଷ୍ଠରୁ ବହୁ ଉପାଦେୟ ତଥ୍ୟ ଲ୍ୟାଣ୍ଡର ବିକ୍ରମ ଜରିଆରେ ଭାରତର ନିୟନ୍ତ୍ରଣ କକ୍ଷକୁ ପଠାଇବ। ଏହା କେବଳ ବିଶ୍ୱରେ ଭାରତକୁ ଏକ ଗୌରବାନ୍ୱିତ ସ୍ଥାନ ଦେବ ନାହିଁ, ଭବିଷ୍ୟତର ନୂଆ ମହାକାଶ ବୈଷୟିକ ଜ୍ଞାନକୌଶଳ, ପାଣିପାଗ ଅଧ୍ୟୟନ, ଦୂରସଂବେଦୀ ନିରୀକ୍ଷଣ, ତାରକାଯୁଦ୍ଧ କାର୍ଯ୍ୟକ୍ରମ, ଟେଲି ଯୋଗାଯୋଗ, ଉପଗ୍ରହ ପରିଚାଳନା ଆଦି ବିଭିନ୍ନ କ୍ଷେତ୍ରରେ ଭାରତ ସଫଳ ଏବଂ ଆତ୍ମନିର୍ଭରଶୀଳ ହୋଇପାରିବ। ପ୍ରଶ୍ନ ଉଠେ ଆମେରିକା ଓ ରୁଷିଆ ପରି ଦେଶର ମହାକାଶ ଯାନଗୁଡ଼ିକ ମାତ୍ର ୭ ଦିନରେ ଚନ୍ଦ୍ରପୃଷ୍ଠରେ ପହଞ୍ଚିପାରୁଥିବା ବେଳେ ଚନ୍ଦ୍ରଯାନକୁ ଏତେ ସମୟ କାହିଁକି ଲାଗୁଛି ? ଏଥିରେ ହିଁ ନିହିତ ଅଛି ଭାରତର ସଫଳ ମହାକାଶ ଗବେଷଣାର ମନ୍ତ୍ର। ଆମେରିକା ବା ରୁଷିଆର ଗୋଟିଏ ମହାକାଶ ଅଭିଯାନରେ ଯେତିକି ଅର୍ଥ ଖର୍ଚ୍ଚ ହୁଏ ସେଥିରେ ଭାରତ ପ୍ରାୟ ୫ ଟି ମହାକାଶ ଅଭିଯାନ କରିପାରିବ। ଭାରତୀୟ ମହାକାଶ ଗବେଷଣାର ସ୍ୱାତନ୍ତ୍ର୍ୟ ମହାକାଶ ଅଭିଯାନକୁ ଏତେ ସୁଲଭ କରିପାରିଛି ଯେ ବହୁ ରାଷ୍ଟ୍ର ସେମାନଙ୍କ ଉପଗ୍ରହ ପଠାଇବା ପାଇଁ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋ ଉପରେ ଏବେ ଅଧିକରୁ ଅଧିକ ନିର୍ଭର କରୁଥିବା ଦେଖାଯାଉଛି। ରୁଷର ଲୁନାର ୨୫ ବିଫଳ ହେବା ପରେ ଆମ ମନର ଗଭୀରତମ ପ୍ରଦେଶରେ କେଉଁଠି ନା କେଉଁଠି ଏକ ଆଶଙ୍କା ସୃଷ୍ଟି ହେଉଛି ଯେ ଯେଉଁଠାରେ ରୁଷ ବିଫଳ ହୋଇଛି ସେଠି ଆମେ ସଫଳ ହେବା ତ ? କିନ୍ତୁ ଗତଥରର ବିଫଳତାରୁ ଆମେ ବହୁତ କିଛି ଶିକ୍ଷା ଲାଭ କରି ଏହି ପଦକ୍ଷେପରେ ଏ ପର୍ଯ୍ୟନ୍ତ ସଫଳ ହୋଇ ଆସିଛୁ। ଆସନ୍ତା ବୁଧବାର ସନ୍ଧ୍ୟା ୬ଟା ୪ମିନିଟରେ ପରିକ୍ରମା ଯାନ ବିକ୍ରମ ଜହ୍ନରାଇଜରେ ଓହ୍ଲାଇବ। ସେତେବେଳେ ଜହ୍ନମାମୁ ବୋଧେ ଗୀତ ଗୁଣୁଗୁଣୁ ହେଉଥିବେ ଆସ ବିକ୍ରମ ସରଗ ଶଶି, ମାମୁ ଘର ଅଗଣାରେ ପଡ଼ରେ ଖସି।



# ହୁକୁମ

## ଅଜୟ କୁମାର ବେହେରା

ହୁକୁମ ଏକ ଶବ୍ଦ ହାକିମଙ୍କ ଆଦେଶ, ରାଜପତ୍ର ଖବର କାଗଜରେ ରାଜ ବିଜ୍ଞପ୍ତିକୁ ବୁଝାଇଲା ବେଳେ ଗୁରୁ ଆଦେଶ ଗୁରୁଜନଙ୍କର ଆଦେଶ ବି ହୁକୁମ। ହେଲେ କିଛି ଠକିବା ଲୋକ ଦେବତାର ଦ୍ୱାହି ଦେଇ ତାଙ୍କୁ ଦେବତା ଲାଜ ହୁକୁମ ଦେଉଛନ୍ତି ଏମିତି କହି ଏକ ରୋଜଗାର ମାର୍ଗ ନିଜ ପାଇଁ ବାଛୁଛନ୍ତି। ପୂର୍ବେ ଚିକିତ୍ସା ବିଜ୍ଞାନରେ ଏତେ ଉନ୍ନତ ନଥିଲା ବେଳେ ରୋଗ ବା ଜଟିଳ ପରିବାର ପରିସ୍ଥିତି ଭୋଗିଲେ, କାଳେସୀ ବା ଠାକୁରାଣୀ ଲାଗୁଥିବା ବ୍ୟକ୍ତିଙ୍କ ଗୃହରେ ଉଦ୍ଦିଷ୍ଟ ସ୍ଥାନରେ ମୁଦା ବସାଇ ଅପେକ୍ଷା କରୁଥିଲେ ବ୍ୟକ୍ତିକୁ ସମୟ ଆସିଲେ ଠାକୁରାଣୀ କୁଆଡ଼େ ଲାଗନ୍ତି ତାପରେ ମୁଦା ବସାଇ ଥିବା ଲୋକଙ୍କୁ ଆସ୍ତେ ଆସ୍ତେ ହୁକୁମ କରି ବିଦାୟ ଦିଅନ୍ତି। ଏଠାରେ ରୋଗର କାରଣ ବା ସଠିକ ନିୟମରେ ଚାଲିଲେ ରୋଗୀର ପ୍ରାଣ ସଙ୍କଟ ବି ହୋଇପାରେ। ସାପ କାମୁଡ଼ା, କୁକୁର କାମୁଡ଼ା ପାଇଁ ହଳଦୀ କମଳ ହେଲେ ଏପରି ହୁକୁମ ଠାକୁର ଠାକୁରାଣୀଙ୍କ ପାଖରେ ଆକ୍ରାନ୍ତ ବ୍ୟକ୍ତିକୁ ନେଇ ଚିକିତ୍ସା ପୂର୍ବେ କରାଯାଉଥିଲା। ଶତକଡ଼ା ଶହେ ରୋଗୀ ଭଲ ହେବା ଏକ ଲୋକ ମୁଖର ପ୍ରଚାର, ଲୋକଙ୍କୁ ବିଭ୍ରାନ୍ତିରେ ପକାଏ। ସବୁ କ୍ଷେତ୍ରରେ ସର୍ପ ବା ବିଲୁଆ କୁକୁର ଦଂଶନ ବିଷାକ୍ତ ଜଟିଳ ହୋଇ ନପାରେ ଏପରି ଚିକିତ୍ସା ପାଇଁ ହଳଦୀ ପାଣି ପ୍ରବଳ ଜଳ ଢ଼ଳାଇ ସ୍ନାନ ଢ଼ୋଲ ପରି ନିନାଦ ବିଷ ମୁକ୍ତ କରାଇଥାଏ ବିଶ୍ୱାସ କରିବାରେ ଯେ ଆର୍ୟୁବେଦ ଚିକିତ୍ସା ଜଡ଼ିତ ଏକଥା ଲୋକେ କିନ୍ତୁ ଭୁଲିଯାଇଥାନ୍ତି। ଏପରି ତିନି ଉପଚାରରେ ସବୁ ସାପର ବିଷ ଯେ ଭଲ ହେବ ଏକଥା ଲୋକେ ବୁଝିନାହାଁନ୍ତି ଯଦି ଲୋକ ମରିଗଲା ତେବେ ଦେବତା ଶୁଣିଲେ ନାହିଁ ଭାବି କାନ୍ଦି ବେକାର ରହିବା କଥା। କାମଳ ରୋଗର ଏବେ ବହୁବିଧ ଚିକିତ୍ସା ବାହାରି ଗଲାଣି। ଡାକ୍ତରଖାନାକୁ ଯାଇ ରକ୍ତ ପରୀକ୍ଷା ପରିସ୍ରାଦି ପରୀକ୍ଷା କରି ତୁରନ୍ତ ଚିକିତ୍ସା ନକରି ପ୍ରାଚୀନ ଚିକିତ୍ସାରେ ଭରସା କରି ଅନୁପାନ ଦ୍ରବ୍ୟାଦି ଶୋଧନ ନକରି ପ୍ରୟୋଗ ବି ପ୍ରାଣ ଘାତକ ହୋଇପାରେ ଏକଥା କେହି ବୁଝନ୍ତି ନାହିଁ। ଆର୍ୟୁବେଦରେ ଅନୁପାନ ଓ ଦ୍ରବ୍ୟାଦି ଶୋଧନ ପୁଣି ପୂର୍ବ ପ୍ରୟୋଗ ଔଷଧ ବା ଶରୀରରେ ଥିବା ବିଷର ଭାଙ୍ଗୁଣି ଜାଣିବା ଦରକାର। ଅନେକ ଲୋକ କୁହାରେ କେତେକ ଅନୁଭୂତି ଓ ଅଶାସ୍ତ୍ରୀୟ ଜ୍ଞାନରେ ଛପା ବହି କେବଳ ଅଧ୍ୟୟନ କରି ଏପରି ଠୁଣୁ ଠୁଣୁକିଆ ଜଡ଼ିବୁଟୀ ପ୍ରୟୋଗ କରନ୍ତି ଯାହାର କୁଫଳ ବା ପାର୍ଶ୍ୱ ପ୍ରତିକ୍ରିୟା ରୋଗୀଠାରେ ଦେଖିବାକୁ ମିଳେ। ଦ୍ରବ୍ୟର ଜାରଣ ମାରଣ ଶୋଧନା ଦି ଗୁରୁମୁଖି ବିଦ୍ୟା ଏହା ଜଣେ ବୈଦ୍ୟ ଗୁରୁଠାରୁ ଶିକ୍ଷା କରିବା ନିହାତି ଆବଶ୍ୟକ। ଏପରି ନକରିଥିଲେ କ୍ଷାନ୍ତ ରହିବା ଜରୁରୀ। ରୋଗର ସମସ୍ତ ଉପସର୍ଗ ବିଷୟରେ ଅଭିଜ୍ଞ ନ ହେଲେ ରୋଗ ଧରି ଚିକିତ୍ସା କରିବା ଦୁରୁହ।

ଏପରି ହୁକୁମ ଔଷଧ ବିଶ୍ୱାସ ଭକ୍ତିରେ ଅନେକ ସେବନ ବ୍ୟବହାର କରି ଦୁଃଖରେ ପଡ଼ିପାରନ୍ତି। ଚେରମୂଳୀ ବିକ୍ରେତାମାନେ ଦ୍ରବ୍ୟ କ୍ରୟକାରୀଙ୍କୁ ଏକଥା ଚେତେଇ ଦେବା ଆବଶ୍ୟକ। ସର୍ପ କାମୁଡ଼ା ସବୁବେଳେ ଏକ ପ୍ରକାର ନୁହଁ ବିର୍ଷ ଦର୍ପିତ ସର୍ପ ଓ ଅଣ ବିଷସର୍ପ ଏକ ପ୍ରକାର କାମୁଡ଼ନ୍ତୁ ନାହିଁ। ମାଟି ବିରାଟି, ଧଣ୍ଡ, ଡ଼ମଣା କାମୁଡ଼ା ଏତେ ବିଷ ନୁହଁ। ବୋଡ଼ା, ରଣା, ତମ୍ପ, ଗୋଖର, ନାଗ, ଅହିରାଜ ଆଦି ସର୍ପର ଆଘାତକାରୀର ଚିହ୍ନଟ ଥିଲେ ବିଷ ଚିକିତ୍ସକଙ୍କର ଚିକିତ୍ସା ସହଜ ହୁଏ ମାତ୍ର ଅନାଧୁନିଆ ଚିକିତ୍ସା ଓ ବିଳମ୍ବ ଚିକିତ୍ସା ବିଫଳ ହୋଇପାରେ। ହୁକୁମ ବିଷ ଚିକିତ୍ସା ଧରଣୀବନ୍ଧା ବିଶ୍ୱାସ ବିପଦରେ ପକାଇପାରେ। ବିଷ ଚିକିତ୍ସାରେ ବହଳିଆ ହଳଦୀ ପାଣି ପେଇବା, ଯୋର ବାଦ୍ୟ ନାଦ କରିବା, ରେଗୀ ଉପରେ ପାଣି ଢ଼ାଳିବା ହେଉଛି ଔଷଧୀୟ ନାଦ ଚିକିତ୍ସା ଓ ଜଳ ଚିକିତ୍ସା। ଅତଏବ ଏପରି ଚିକିତ୍ସା ଅଭିଜ୍ଞଙ୍କ ଦ୍ୱାରା କରାଇବା ଭଲ। ହୁକୁମ ଠାରୁ ଏ ସହସ୍ର ଗୁଣ କମା କରିପାରେ। ତେଲ, ଘିଅ, ଲୁଣର ଔଷଧୀୟ ଗୁଣ ଅଛି। ଏହାକୁ ମନ୍ତୁରାଇ ବିଶ୍ୱାସରେ ମନ୍ତ୍ର ପ୍ରଭାବିତ କରାଇ ଅନେକ ରୋଗରେ ଆରୋଗ୍ୟ ଆଶା କରନ୍ତି ହେଲେ ତାହା ରୋଗକୁ ଯେ ଠିକ ଭାବରେ ଭଲ କରେ ଏକଥା ସବୁବେଳେ ଭାବିବା ଉଚିତ ନୁହେଁ। କାଟପାଣିରେ କେବେ ସବୁରୋଗ ଭଲ ହୋଇନପାରେ କି ପରିବାରର କଳି, ବାସ୍ତୁଦୋଷ ଖଣ୍ଡନ ହୋଇନପାରେ। ଏହାର ଉପଚାର ଭଲ ଚିକିତ୍ସକ। ଆଇନଜ୍ଞ ବାସ୍ତୁବିତଙ୍କ ଦ୍ୱାରା ସମାଧାନ କରାଯାଇପାରେ।

ସବୁ ଗୁରୁ ତାଙ୍କର ଆନୁଗତ୍ୟ ଶିକ୍ଷ୍ୟା ଶିଷ୍ୟ ମାନଙ୍କୁ ଉପଦେଶ ଦେଇଥାନ୍ତି ତାହାବି ହୁକୁମ। ଗୁରୁଙ୍କ ପ୍ରତି ଉପଦେଶ ଲିପିବଦ୍ଧ କରି ଲେଖା ରଖାଯାଇ ପୁସ୍ତକ ଆକାରରେ ପରେ ଉପଲବ୍ଧ ମନୁଷ୍ୟର ପରିସ୍ଥିତି ଅନୁସାରେ ପୂର୍ବ ଗୁରୁମୁଖ ବାଣୀକୁ ସେଥିରୁ ଖୋଜି ପ୍ରୟୋଗରେ ନେଲେ ପରିସ୍ଥିତିର ଉପଶମ ହୋଇପାରେ। ପୁରାଣରେ ନଜିର ସହିତ ଅନେକ ଆଦେକ ସାମାଜିକ ବ୍ୟକ୍ତିଗତ ଧର୍ମଗତ ସଂସ୍କୃତିକ ଶାସନ ବିଷୟରେ ପୁଣି ସମାଜର ସରକାରୀଙ୍କ ପାଇଁ କିଛି ବାଣୀ ଉପଦେଶ ଆଦେଶ ବା ହୁକୁମ ଆକାରରେ ଅଛି ତାକୁ ସେପରି ପରିସ୍ଥିତିରେ କେହି ଆସିଲେ ପ୍ରୟୋଗ କରି ପ୍ରତିଷ୍ଠା ପାଇପାରିବେ ଏକ ଦିଗରେ ପିତୃ ସତ୍ୟ ଅନ୍ୟଦିଗରେ ରାଜସିଂହାସନ ଆରୋହଣ ନିଶାରେ ଶ୍ରୀରାମ କଣ ସ୍ଥିର କରି ଏବେ ସର୍ବମାନ୍ୟ ଏକଥା ପୁରାଣରେ ହିଁ ଅଛି। ନିଜର ଯୌବନ ଭୋଗ ପାଇଁ କନ୍ୟା ସ୍ଥିରକୁ ସ୍ୱପିତୃ ତାପ୍ରତି ଆକୃଷ୍ଟ ପିତାଙ୍କର ପତ୍ନୀ ନାହାଁନ୍ତି ତାଙ୍କର ଯୌବନ ଯାଇନାହିଁ ତାକୁ ଏକ ଯୁବତୀ ପତ୍ନୀ ଆବଶ୍ୟକ ପୁଣି ପୁଅ ବାଛି ବା ପତ୍ନୀଟିଏ ତାଙ୍କର ପତ୍ନୀ ହେବା ଆବଶ୍ୟକ। ଏଥିରେ ଭୀଷ୍ମ ଦେବ ଏପରି କରି ଚୀରକୁମାର ରହିଲେ ଓ ତାଙ୍କର ପତ୍ନୀ ଯେ ହୋଇଥାନ୍ତି ତାଙ୍କର ସାବତ ମାଆ ହେଲେ ପିତାଙ୍କୁ ପୁତ୍ର ବିବାହ କରାଇଥିଲେ। ଏସବୁ ନଜର ଜଟିଳ ବୋଧ ହେଲେ ବି ତ୍ୟାଗ ପାଇଁ ଏ ଆଦେଶ ହୁକୁମ। ଗରୁ ଗ୍ରନ୍ଥ ସାହେବ କୋରାନ, ବାଇବେଲ, ଜେନ୍ଦ ଆଭାସ୍ତା, ତ୍ରିପିଟକ ଜୈନମୂନୀବାଣୀ ଏସବୁ ଗୁରୁବାଣୀ ଓ ଆଦେଶରେ ଭରୁପର। ଗୀତାରେ ବିଭିନ୍ନ ଯୋଗରେ ଏମିତି ଗୁରୁବାଣୀ ଆଦେଶ ଅଛି। ବେଦର ଉପନିଷଦର ଏମିତି ସୂତ୍ରରେ ଉପଦେଶ ଆଦେଶ ଭରପୁର ଅଛି। ଠାକୁର ନିଗମାନନ୍ଦ, ଠାକୁର ଅନୁକୂଳଚନ୍ଦ୍ର, ଶ୍ରୀସତ୍ୟସାଇ ବାବା, ଶ୍ରୀମା ଅରବିନ୍ଦ ଏପରି ଗୁରୁବାଣୀରେ ଆଦେଶ ଅନେକ କରି ଯାଇଛନ୍ତି ଯାହା ବି ହୁକୁମ। ଏ ହୁକୁମ ପାଳନ କଲେ ସଂସାରୀ ବା ସନ୍ନ୍ୟାସୀ ଶାନ୍ତିରେ ରହିପାରିବେ। ଗୁରୁମାନେ ଯୋଗ, ତନ୍ତ୍ର, ସଙ୍ଗୀତ, କର୍ମକାଣ୍ଡରେ ତାଙ୍କର ଅନୁଗମନକାରୀଙ୍କୁ ଅନେକ ଆଦେଶ ହୁକୁମ ଦେଇଛନ୍ତି ଯାହାକୁ ପାଳନ କଲେ ଜଣେ ଭଲ ତନ୍ତ୍ରବିତ, ଯୋଗୀ (କ୍ରିୟାଯୋଗୀ ହଠଯୋଗୀ) ହୋଇପାରନ୍ତି। ସମ୍ପୂର୍ଣ୍ଣ ରାଜଯୋଗୀ ହୋଇପାରନ୍ତି। ସଙ୍ଗୀତରେ ଜଣେ ଧୂରୀଣ ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ, ଯନ୍ତ୍ରଶିଳ୍ପୀ ହୋଇପାରନ୍ତି।

ବିଦ୍ୟାଳୟ, କଲେଜ, ୟୁନିଭରସିଟି ପରି ଅନୁଷ୍ଠାନରେ ଅଭିଜ୍ଞ ଶିକ୍ଷକ ଅଧ୍ୟାନକ ପ୍ରଫେସରଙ୍କ ଆଦେଶ ଠିକ ନେଇଥିଲେ କେହି ବିଦ୍ୟା ପ୍ରୟୋଗରେ ହଟିନପାରେ। ମାତୃବାକ୍ୟ ଆଦେଶ ପିତୃ ବାକ୍ୟ ବି ଆଦେଶ କୁଳ ପରମ୍ପରା ଆଦେଶ, ଧର୍ମୀୟ ପରମ୍ପରା ବି ଆଦେଶ। ଏ ଆଦେଶ ହିଁ ହୁକୁମ ଏହାକୁ ମାନି ନେଇ ପାଳନ କରିବା ବ୍ୟକ୍ତି ଜଣେ ମନୁଷ୍ୟ ରୂପେ ସଂସାରରେ ପ୍ରତିଷ୍ଠା ପାଇପାରେ। ସାମାଜିକ ଜୀବନ ବିତାଇବାକୁ ଥିବା ଆଦେଶ ହିଁ ହୁକୁମ ଏହାକୁ ମାନିଲେ ମନୁଷ୍ୟ ସାମାଜିକ ନହେଲେ ଅସାମାଜିକ। ଖାଦ୍ୟ ପାନୀୟ ଆଚରଣ ବ୍ୟବହାର ପାଇଁ ସାମାଜିକ ଆଦେଶ ଅଛି। ଏହି ଆଦେଶ ହିଁ ଏକ ଏକ ହୁକୁମ। ପ୍ରତ୍ୟେକ ଦେଶର ସମ୍ବିଧାନ ଓ ପେନାଲ କୋର୍ଡ଼ ହିଁ ଅନେକ ସ୍ତରର ହୁକୁମ। ଏହାକୁ ନମାନିଲେ ଦଣ୍ଡ ଭୋଗ ଅଛି ମାନିଲେ ଗେହ୍ଲା ନାଗରିକ ଭାବରେ ଦେଶରେ ଚଳି ହେବ।

+ବରେଣ୍ୟ ବାଣୀ' ପିସି
ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

# ଲଦାଖରେ ରାହୁଲ ଗାନ୍ଧୀ ଦେଇଥିବା ବକ୍ତବ୍ୟକୁ ନେଇ ବିବାଦ



## ଡ. ସମନ୍ୱୟ ନନ୍ଦ

କଂଗ୍ରେସର ପୂର୍ବତନ ସଭାପତି ଓ କର୍ତ୍ତା ଧର୍ତ୍ତା ରାହୁଲ ଗାନ୍ଧୀ ବର୍ତ୍ତମାନ ଲଦାଖ ଗସ୍ତରେ ଅଛନ୍ତି । ସେ ବିଭିନ୍ନ ସମୟରେ ଯେଉଁ ବକ୍ତବ୍ୟ ଦେଇଥାନ୍ତି ସେଥିରେ ଅନେକ ପ୍ରକାର ବିବାଦ ଦେଖା ଦେଇଥାଏ । ଚଳିତ ଲଦାଖ ଗସ୍ତ ସମୟରେ ମଧ୍ୟ ସେ ଏପରି ଏକ ବକ୍ତବ୍ୟ ପ୍ରଦାନ କରିଛନ୍ତି ଯାହାକୁ ନେଇ ପୁଣି ଥରେ ବିବାଦ ଦେଖା ଦେଇଛି। ସେ ଲଦାଖ ଯାଇ କହିଛନ୍ତି ଯେ "ଚୀନ ଭାରତ ମଧ୍ୟରେ ଅନୁପ୍ରବେଶ କରିଛି । ଏଠାକାର ଲୋକ ମାନେ କହୁଛନ୍ତି ଯେ ଚୀନର ସେନା ଭାରତ ମଧ୍ୟରେ ପ୍ରବେଶ କରିଛି । ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହୁଛନ୍ତି ଯେ କେହି ଭାରତରେ ଅନୁପ୍ରବେଶ କରି ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ଯାହା କହୁଛନ୍ତି ତାହା ସତ ନୁହେଁ । ଏଠାରେ ଆପଣ ଯାହାଙ୍କୁ ମଧ୍ୟ ପଚାରନ୍ତୁ ସେହି ସମାନ କଥା କହିବ । "

ରାହୁଲ ଗାନ୍ଧୀଙ୍କ ଚୀନ ସମ୍ପର୍କରେ ବକ୍ତବ୍ୟ ସମ୍ପର୍କରେ ଦୃଷ୍ଟି ଦେଉଥିବା ଲୋକ ମାନେ ଭଲ ଭାବେ ଜାଣନ୍ତି ଯେ ରାହୁଲ ଗାନ୍ଧୀ ପ୍ରଥମ ଥର ପାଇଁ ଏଭଳି କଥା କହୁନାହାନ୍ତି । ସେ ଏହି କଥାକୁ ବାରମ୍ବାର ଦୋହରାଇ ଚାଲିଛନ୍ତି । ଏହା ପୂର୍ବରୁ ସେ ଏହି ସମାନ କଥାକୁ କହି ଭାରତ ସରକାରଙ୍କୁ କାଠଗଡାରେ ଠିଆ କରାଉଛନ୍ତି । ଗଲୱାନ ଉପତ୍ୟକାରେ ଯେତେବେଳେ ଭାରତୀୟ ସୈନିକ ମାନେ ବୀରତ୍ୱର ସହ ଚୀନର ଲାଲ ସେନା ସହ ଲଢିଥିଲେ ଓ ପ୍ରତ୍ୟେକ ଇଂଚ ଜମିର ସୁରକ୍ଷା ପାଇଁ ନିଜର ସର୍ବୋଚ୍ଚ ବଳିଦାନ ଦେଇଥିଲେ ସେତେବେଳେ ମଧ୍ୟ ରାହୁଲ ଗାନ୍ଧୀ ଏହି ସମାନ କଥା କହିଥିଲେ । ସେତେବେଳେ ମଧ୍ୟ ସେ କହିଥିଲେ ଯେ ଚୀନ ଭାରତରେ ଅନୁପ୍ରବେଶ କରି ଭାରତୀୟ ଭୂମି ଉପରେ କବଜା କରିଛି । ଏହା ବାସ୍ତବରେ ଭାରତର ବୀର ସୈନିକ ମାନଙ୍କର ମନୋବଳକୁ ହ୍ରାସ କରିବା ଭଳି ଥିଲା । ଏହା ପରେ ମଧ୍ୟ ସେ ଏହି ପ୍ରସଙ୍ଗରେ ଚୁପ ରହି ନାହାନ୍ତି । ଯେତେବେଳେ ଯେଉଁ ଠାରେ ତାଙ୍କୁ ସୁଯୋଗ ମିଳିଛି ସେ ସେହି ସମାନ ବକ୍ତବ୍ୟ ଦେଇ ଚାଲିଛନ୍ତି । ଏବେ ଲଦାଖ ଯାଇ ସେ ସେହି ପୁରୁଣା ବକ୍ତବ୍ୟକୁ ପୁଣି ଥରେ ଦୋହରାଇଛନ୍ତି ।

ତେବେ ପ୍ରଶ୍ନ ଉଠୁଛି ଯେ ରାହୁଲ ଗାନ୍ଧୀ ଏହି କଥାକୁ ବାରମ୍ବାର କାହିଁକି କହୁଛନ୍ତି । ସେ କଣ ଇତିହାସ ପଢି ନାହାନ୍ତି । ବିଶେଷ ଭାବେ ତାଙ୍କର ପିତାଙ୍କ ଅଜା ଅର୍ଥାତ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଂଡିତ ଜବାହର ଲାଲ ନେହେରୁଙ୍କ ସମୟରେ ୧୯୬୨ ମସିହାରେ ଚୀନ କିଭଳି ଭାବେ ଭାରତ ଉପରେ ଆକ୍ରମଣ କରି ହଜାର ହଜାର ବର୍ଗ ମାଇଲ ଭାରତୀୟ ଭୂମି ଉପରେ କବଜା କରି ନେଇଛି ତାହା କଣ ସେ ଜାଣନ୍ତି । ନେହେରୁଙ୍କ ଅଦୂରଦର୍ଶିତା କାରଣରୁ ପ୍ରଥମେ ତିବତ ତାର ସ୍ୱାଧୀନତା ହରାଇଥିଲା । ଏହା ସତ୍ତ୍ୱେ ନେହେରୁ କିଛି ଶିଖି ନ ଥିଲେ । ଏହା ପରେ ସେ ହିନ୍ଦୀ- ଚୀନୀ ଭାଇ- ଭାଇର ଗୀତରେ ନାଚୁଥିବା ବେଳେ ୧୯୬୨ ମସିହାରେ ଚୀନ ସମ୍ପୂର୍ଣ ପ୍ରସ୍ତୁତି ସହ ଭାରତ ଉପରେ ଆକ୍ରମଣ କରି ଦେଇଥିଲା । ଏହା କଣ ରାହୁଲ ଗାନ୍ଧୀ ଜାଣି ନାହାନ୍ତି ।

ଚୀନ ଦ୍ୱାରା ତିବତ ଉପରେ ଅଧିକାର କରାଯିବା ବେଳେ ସରଦାର ପଟେଲଙ୍କ ଚେତାବନୀ ସତ୍ତ୍ୱେ ନେହରୁ ଚୁପ ରହିଥିଲେ । ତିବତ ଉପରେ ଅଧିକାର କରିବା ଆରମ୍ଭ କରିବା ପରେ ପରେ ହିଁ ଚୀନ ତାର ଅସଲ ରୂପ ଦେଖାଇବା ଆରମ୍ଭ କରି ଦେଇଥିଲା । ସିକ୍ୟାଙ୍ଗ ଓ ତିବତକୁ ଯୋଡିବା ପାଇଁ ଚୀନ ଲଦାଖ ସ୍ଥିତ ଭାରତୀୟ ଅଂଚଳରେ ସଡକ ନିର୍ମାଣ କାମ ଆରମ୍ଭ କରି ଦେଇଥିଲା । ହେଲେ ପଣ୍ଡିତ ନେହେରୁ ଏହି କଥାକୁ ଲୁଚାଇ ରଖିଥିଲେ ଓ ସାର୍ବଜନୀନ କରି ନ ଥିଲେ । କିନ୍ତୁ ଏହି ସଡକ ନିର୍ମାଣ କାମ ସରିବା ପରେ ୧୯୫୩-୫୪ ମସିହାରେ ଚୀନ ନିଜେ ହିଁ ଏହି ସଡକ ନିର୍ମାଣ କାମ ସମାପ୍ତ ହେବା ସମ୍ପର୍କରେ ଘୋଷଣା କରି ଦେଇଥିଲା । ସେତେବେଳେ ପଣ୍ଡିତ ନେହେରୁଙ୍କ ପାଖରେ ଲୁଚାଇବା ପାଇଁ ଆଉ କିଛି ନ ଥିଲା । ଚୀନର ଘୋଷଣା ସାମନାକୁ ଆସିଲା ପରେ ସଂସଦରେ ଏହାକୁ ନେଇ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ପଣ୍ଡିତ ନେହେରୁଙ୍କ ନିକଟରେ କୌଣସି ଉତର ନ ଥିଲା । ସେ କ୍ରୋଧରେ ଜର୍ଜରିତ ହୋଇ କହିଥିଲେ ଯେ "ଚୀନ ଭାରତର ଯେଉଁ ଅଂଚଳକୁ ଅଧିକାର କରି ରାସ୍ତା ନିର୍ମାଣ କରିଛି ସେଥିରେ ଦୂବ ଘାସ ମଧ୍ୟ କଅଁଳେ ନାହିଁ । " ଏହାର ଉତରରେ ସେତେବେଳେ ସାଂସଦ ମହାବୀର ତ୍ୟାଗୀ କହିଥିଲେ ଯେ "ପଣ୍ଡିତ ନେହେରୁ ମହୋଦୟ, ମୋ ମୁଣ୍ଡରେ କେଶ ନାହିଁ, ତା ହେଲେ ମୁଁ ମୁଣ୍ଡକୁ ମଧ୍ୟ ଆପଣ କାଟି ଚୀନକୁ ପ୍ରଦାନ କରି ଦେଉ ନାହାନ୍ତି । "

ସେତେବେଳକୁ ଚୀନ ତିବତ ସହ ଭାରତର ଲଦାଖରେ ମଧ୍ୟ ଅତିକ୍ରମଣ କରିବାରେ ବ୍ୟସ୍ତ ଥିଲା । ହେଲେ ପଣ୍ଡିତ ନେହେରୁ ଦେଶବାସୀଙ୍କୁ ଏହା ଲୁଚାଉଥିଲେ , ଘାସ କଅଁଳେ ନାହିଁ ବୋଲି କଳଙ୍କିତ ବକ୍ତବ୍ୟ ଦେଉଥିଲେ । ଏହା ପରେ ୧୯୬୨ ମସିହାରେ ଚୀନ ପ୍ରତ୍ୟକ୍ଷ ଭାବେ ଭାରତ ଉପରେ ଆକ୍ରମଣ କରି ଦେଇଥିଲା । ଏହି ଯୁଦ୍ଧରେ କଣ ହେଲା, ଭାରତ ତାର କେତେ ଭୂମି ହରାଇଲା ସେ ସମ୍ପର୍କରେ ଉଲ୍ଲେଖ କରିବାର ବିଶେଷ ଆବଶ୍ୟକତା ନାହିଁ । ଏହି ବିଷୟ କଣ ରାହୁଲଙ୍କୁ ଜଣା ନାହିଁ।

ତେବେ ଚୀନ ପ୍ରସଙ୍ଗରେ ରାହୁଲ ଗାନ୍ଧୀ ଓ ବର୍ତ୍ତମାନର କଂଗ୍ରେସ ଦଳର ଭୂମିକା ମଧ୍ୟ ସନ୍ଦେହାସ୍ପଦ ରହିଛି ।

ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ଧରିବାନି କେବେ ସ୍ୱାର୍ଥର ପତାକା

#### ଧ୍ରୁବ ଚରଣ ଘିବେଲା

ଜୀବନର ବ୍ରତ ସେବା ସମର୍ପଣ
ଭାବ ଭାବନା ଯେ ରଖି
ସେବାରେ ରହିବା ଆନେ
ସେବା ଦେବା
ସେବା କାମେ ରଖି ମତି।
ସ୍ୱାର୍ଥ ଭାବନାଠୁ ଦୂରେଇ ରହିବା
ପରୋପକାର ଧରମ
କରମ କରିବା ଧରମେ ରହିବା
କାମେ ନାହିଁ ବଡ଼ ସାନ ।
ମାନବ ସେବାରେ ମାଧବର ସେବା
ସାଧିତ ଯେ ହୋଇଥାଏ
ବାପାମାଆଙ୍କର ସେବା କର୍ମ ବଳେ
ପୂଣ୍ୟ ଅରଜନ ହୁଏ ।
ନର ସେବା କରି ନାରାୟଣ ସେବା
କରାଯାଏ ଏ ଧାମରେ
ପଶୁପତି ସେବା ସମ୍ପନ୍ନ ହୁଅଇ
ପଶୁ ସେବା ମାଧ୍ୟମରେ ।
ଗଣ ସେବା କଲେ ଗଣପତି ସେବା
ପୂଣ୍ୟ ଫଳ ଅରଜନ
ସ୍ୱାର୍ଥରେ ରହିଲେ ସ୍ୱାର୍ଥପର ହେଲେ
କର୍ମ ଫଳ ରହେ ଶୂନ୍ୟ ।
ଧରିବାନି କେବେ ସ୍ୱାର୍ଥର ପତାକା
ହେବା ନାହିଁ ସ୍ୱାର୍ଥପର
ନିଃସ୍ୱାର୍ଥ ଭାବରେ
ନିଃସ୍ୱାର୍ଥ ସେବାରେ
ରହି ସଦା ତତପର ।
ଦିନେ ନାଇଁ ଦିନେ ସେବାର ମହିମା
ଗରିମା ହେବ ସ୍ୱୀକାର୍ଯ୍ୟ
ସେବାର ପତାକା ଧରିବା ସୁନ୍ଦର
ସେବା ବାସିବ ନିଶ୍ଚୟ ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

### କିବା ଅସାଧ ମହୀତଳେ

#### ନନ୍ଦିକେଶ୍ୱରୀ ନାଥ

ମଶା ଏକ ଛୋଟ ଜୀବ
ମାରାତ୍ମକ ଅଟଇ
ଛଟକେ କାମୁଡି ଦେଇ
ରୋଗ ସୃଷ୍ଟି କରଇ ।
ବ୍ୟାପିଯାଏ ମେଲେରିଆ
ବହୁଲୋକ ମରନ୍ତି
ନଜାଣି ପ୍ରଭୁଙ୍କ କୋପ
ବୋଲି ମନେ ଘାରନ୍ତି ।
ବହୁ ବର୍ଷ ପୂର୍ବେ ଏକ
ଇଂରେଜ ଡାକ୍ତର
ଲୋକଙ୍କର ମୃତ୍ୟୁ ଦେଖି
ଦୁଃଖେ ହେଲେ କାତର ।
ଚଳାଇଲେ ଗବେଷଣା
ମେଲେରିଆ ଉପରେ
ଧରିଲେ ଅନେକ ମଶା
ମୁଣିକରି ହାତରେ ।
କଲିକତା ହାଇଦ୍ରାବାଦ
ଗାଆଁ ସହର ବୁଲି
ପରୀକ୍ଷା ରଖିଲେ ଜାରି
ଭୋକ ଶୋଷକୁ ଭୁଲି ।
ଥଟ୍ଟା ପରିହାସ ଲୋକେ
କିଏ କେତେ କରିଲେ
ନଶୁଣି ସେ ନିଜ କାର୍ଯ୍ୟେ
ମନପ୍ରାଣ ଭରିଲେ ।
ଶେଷେ ଆବିଷ୍କାର କଲେ
ମେଲେରିଆ ଜୀବାଣୁ
ମଶା ଦେହେ ରହିଅଛି
ଜାଣିଗଲେ ସେ ଦିନୁ ।
ମେଲେରିଆ ଔଷଧରେ
ଜୀବାଣୁଙ୍କୁ ମାରିଲେ
ଲକ୍ଷଲକ୍ଷ ଲୋକଙ୍କର
ପ୍ରାଣରକ୍ଷା କରିଲେ ।
ଜନମୁଖେ ପରଶଂସା
ବ୍ୟାପିଗଲା ତାଙ୍କର
ଶ୍ରେଷ୍ଠ କୃତି ଦେଲା ତାଙ୍କୁ
ନୋବେଲ ପୁରସ୍କାର ।
ଉଣେଇଶ ଦୁଇରେ
ପୁରସ୍କାର ପାଇଲେ
ବଡ ବୈଗ୍ୟାନିକ ବୋଲି
ଲୋକେ ତାଙ୍କୁ ଜାଣିଲେ ।
'ରୋନାଲ୍ଡରସ୍ ' ତାଙ୍କ ନାମ
ପିଲେ ଜାଣିଥା
ଜୀବନେ ଅଧ୍ୟବସାୟ
ନୋହେ କେବେ ଅନ୍ୟଥା ।

+ଢେଙ୍କାନାଳ ଟାଉନ୍
ମୋ-୯୪୩୮୨୩୫୫୧୯

### ଚନ୍ଦ୍ରଯାନ-୦୩

#### ଶରତ ଚନ୍ଦ୍ର ଜାଲି

ଚନ୍ଦ୍ରଯାନ ତିନି ଧିରେ ଓହ୍ଲାଇବ
ଚନ୍ଦ୍ରପୃଷ୍ଠ ପରେ ଯାଇ
ବିଶ୍ୱ ଦରବାରେ ସବୁରି ନଜର
ଜ୍ଞାନୀ ଗୁଣୀ ଭାବେ ଭାଇ ।
ବଡ ଆଚମ୍ବିତ ଲାଗୁଅଛି ଏବେ
କି ସୁନ୍ଦର କୌଉଶଳ
ଆମରି ବିଜ୍ଞାନୀ ରଖିବେ କୀରତି
ପଡୁଛି ବିଶ୍ୱେ ଚହଳ ।
ସମାନତା ଭରା ସମୟର ସହ
ପହଞ୍ଚିବ ଚନ୍ଦ୍ରଯାନ
ସାଲ୍ୟୁଟ୍ ସାଲ୍ୟୁଟ୍
ମୋ ଦେଶ ବିଜ୍ଞାନୀ
ଧନ୍ୟ ସେ ପାଠ ବିଜ୍ଞାନ ।
ମାଟି ମାଆ ଲାଗି ତୁମ ତ୍ୟାଗ ସେବା
ଅମ୍ଳାନ ଗୌରବ ଗାଥା
ରହି ରଚୁଥାଅ ବିଜ୍ଞାନ କୌଶଳ
ଧନ୍ୟ ସେ ଶ୍ରୀହରି କୋଟା ।
ଅନେକରେ ତୁମେ ଏକଲବ୍ୟ ପରି
ଶରବିଦ୍ଧ କରି ପାର
ପହଁଞ୍ଚି ପହଁଞ୍ଚି ଯାଏ ଚନ୍ଦ୍ରଯାନ
ଚନ୍ଦ୍ରର ନିକଟ ତର ।
ଲ୍ୟାଣ୍ଡର ମସ୍ତିକ କରୁଅଛି କାମ
ବିକ୍ରମର ନୂଆ ଭାଷା
ପ୍ରଜ୍ଞାନ କରିବ ଫଟୋ ଉତ୍ତୋଳନ
ସେନସର୍ ପରିଭାଷା ।
ମଧ୍ୟ ରାତ୍ରେ ଆଜି
ସୁ ସଂଦେଶ ଦେବ
ଗତି ତା'ର ଯିବ ଥମି
ଶୂନ୍ୟ ବେଗ ହୋଇ ଅବସ୍ଥାନ ହେବ
ଦକ୍ଷିଣ ପୃଷ୍ଠକୁ ଚୁମି ।
ସଫଳତା ସହ ପହଁଞ୍ଚିବ ଯାଇ
ଅଗଷ୍ଟ ତେଇଶ ଦିନ
ବିଶ୍ୱବାସୀ ଙ୍କର ରହୁଛି ନଜର
ଧନ୍ୟ ତୁ'ରେ ଚନ୍ଦ୍ରଯାନ ।
ଭାରତ ବିଜ୍ଞାନ କୌଶଳ ପୂର୍ଣ୍ଣତା
ଗଢିଦେଲା ଜ୍ଞାନ ଭରି
ଅନେକ ତଥ୍ୟ ତୁ ଯୋଗାଇବୁ ସବୁ
ଯାନ ନୁହେଁ ଜ୍ଞାନ ପୁରୀ ।
ଦେଖୁଥିବୁ ବସି ଧରା ପୃଷ୍ଠପରେ
ତୋ ଜ୍ଞାନର ସ୍ମୃତି କଳ
ଚନ୍ଦ୍ରପୃଷ୍ଠ ହେବ ଦ୍ୱିତୀୟ ପୃଥିବୀ
ମାନବ ବସ୍ତି ସମ୍ବଳ ।
ଅସମ୍ଭବ ହଟି ହୋଇବ ସମ୍ଭବ
ବିଜ୍ଞାନୀ ଜ୍ଞାନୀଙ୍କ ପାଇଁ
ଚନ୍ଦ୍ରଯାନ-୦୩ ନୂତନ ଅଧ୍ୟାୟ
ଆଗାମୀ ଭବିଷ୍ୟ ନେଇ ।

+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

### ଜୀବନ ଯୁଦ୍ଧ

#### ନିରଞ୍ଜନ ସାହୁ

ସୁନା ସକାଳର ସୁନେଲି ସୁରୁଜ
ଉଏଁ ନୂଆ ଆଶା ନେଇ
ସେହି ଅରୁଣିମା ବୁଣି ହୋଇଯାଏ
କେତେ ସ୍ୱପ୍ନ ବାଣ୍ଟି ଦେଇ ।

ସମ୍ଭାବନା ସୂର୍ଯ୍ୟ ଉପରକୁ ଉଠେ
ଚଳଚଞ୍ଚଳ ଯେ କରେ
ଜୀବନ ଯୁଦ୍ଧରେ ସୈନିକ ସାଜିକି
ମଣିଷ ଜୀବିକା ଧରେ
ମଧ୍ୟାହ୍ନ ମାର୍ତ୍ତଣ୍ଡ ମଥାନେ ହେଲେ ବି
ନ ଦିଅଇ ଖୋଇପେଇ ।

କ୍ଲାନ୍ତ ଅପରାହ୍ନ , ରମଣୀୟ ସନ୍ଧ୍ୟା
ଆରାମଦାୟିନୀ ରାତି
ବଞ୍ଚିବା ପାଇଁକି ସଂଗ୍ରାମ ଚାଲଇ
କର୍ମ ଥାଏ ନାନା ଜାତି
ସାମାନ୍ୟ ବିଶ୍ରାମ ମିଳଇ ଅବଶ୍ୟ
କର୍ମ କରେ ଥେଇଥେଇ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଝରା ଶେଫାଳି ମୁଁ

### ବେଣୁଧର ସୂତାର



ମୁଗ୍ଧ ଆବେଗର ତନ୍ମୟ ସପନ
ଏଇମୋ ନିଟୋଳ ନୟନ କୋଳେ
ଏତେ ସପନକୁ ରାତି ନାହିଁ ବନ୍ଧୁ
ରଙ୍ଗଭୂମି ଏଇ ଭବ ଶୟଳେ ।

ନୀଳ ଗଗନର ନୀଳିମା ବକ୍ଷରୁ
ଉଇଁ ଆସେ ତାରା ଫୁଲରେ ଜହ୍ନ
ପ୍ରୀତି ଜୋଛନାରେ
ଭିଜେ ମୁଁ ରାତିରେ
ଅଳସ ଆଖିରେ ମିଠା ସପନ ।

ଜୋଛନା ପଖଳା ଚାରୁ ବିଭାବରୀ
ମୋ ପାଇଁ କି ପ୍ରୀତି ଅଳକାପୁରୀ
ପ୍ରୀତି ପୀୟୂଷରେ
ରୋମାଞ୍ଚ ରାସରେ
ରାତିକ ପାଇଁକି ମୁଁ ଅଭିସାରୀ ।

ରୂପ ମହକର ଅମିୟ ରାସରେ
ତୋଷାଇ ପାରେ ମୁଁ ମୋ ପ୍ରିୟତମ

ମୁଁ ଯେ ଅନୁପମା କୌମୁଦୀ ସୁଷମା
ଘେନିରଚେ ମର୍ତ୍ତ୍ୟେ ପବିତ୍ରପ୍ରେମ ।

ଦେହସିନା ଭିଜେ ଭିଜା ନିଶୀଥରେ
ଅସଙ୍ଗ ଅଙ୍ଗର ବହଳ ପ୍ରେମେ
ମନ ମରୁଥାଏ ଦୁଃଖ ନଦୀ ଧାରେ
ମରୁ ମୃଗତୃଷ୍ଣା ମୋ ଓଠ ଚୁମେ ।

ଭବ ଉପବନ ଝରା ଶେଫାଳି ମୁଁ
ରାତିକ ପାଇଁକି ଆୟୁଷ ମୋର
ରସ ରହସ୍ୟର ରୂପଶାଳା କୋଳେ
ବ୍ୟର୍ଥ ରମଣୀୟ ରସ ଶୃଙ୍ଗାର ।।

ମୁଁ ଯେ ଅଭିଶପ୍ତା ଏମାଟି ମର୍ତ୍ତ୍ୟରେ
ଅମରାବତୀର ପ୍ରୀତି ସୁମନ
ବୁକୁତଳେ ମୋର ବେଦନାର ଭାର
ବିଧାତା ଦେଇଛି କ୍ଷୀଣ ଜୀବନ ।

ସତ୍ତା ନୁହେଁ ମୋର
ବ୍ୟର୍ଥତାରେ ଗଢା
ରୂପ ରସ ବାସେ ମୂର୍ଚ୍ଛନା ତୋଳେ
ଅଙ୍ଗେ ଅଙ୍ଗୀକାର
ସୌନ୍ଦର୍ଯ୍ୟ ସ୍ୱାକ୍ଷର
ନିଖିଳପ୍ରାଣରେ ମହକ ବୋଳେ ।

ମୁଁ ଯେ ନିବେଦିତା ଚରଣ ସେବିତା
ମଙ୍ଗଳ ବେଭାରେ ମଙ୍ଗଳାଚାର
କେବେ ଶୋଭେ ମୁହିଁ
ଚିନ୍ମୟ ଚରଣେ
କେବେସାଜେ ଭକ୍ତି ହୃଦୟହାର ।


♥କେଶଦୁରାପାଳ
କେନ୍ଦୁଝର
ମୋ: ୯୧୭୮୫୬୮୨୪୬


## ରାଷ୍ଟ୍ରୀୟ ଧ୍ୱଜା

### ବସନ୍ତ କୁମାର ପଣ୍ଡା



ଧୀର ଧୀର ପବନରେ
ଫରଫର ଛନ୍ଦ ଭରେ
ତିନିରଙ୍ଗା ଆମ ଜାତି କେତନ
ଉଡି ଉଡି ଆକାଶରେ
କହିଦିଏ ବତାସରେ
ଏବେ ଆମେ କରୁ ଆମ ଶାସନ ।

ବୋମା ବନ୍ଧୁକର ଗୁଳି
ଏବେ ଯାଇଅଛି ଟଳି
ଯାଇଛି ସେ ଯେତେ ଦୁଃଖ ଦୁର୍ଦ୍ଦଶା
ନାହିଁ କଳାପାଣି ଡର
ଅନ୍ୟାୟ ବା ଅତ୍ୟାଚାର
ଆମ ସମ୍ବିଧାନ ଆମ ଭରସା ।

ଗାନ୍ଧୀ, ନେହେରୁ ପଟେଲ
ସୁଭାଷ, ଲାଲ, ବାଲ, ପାଲ
ସଂଗ୍ରାମେ ଯେତେ ଦେଇଛନ୍ତି ବଳି
ଏ ମାଟିର ସୁସନ୍ତାନ
ତାଙ୍କ ନାମେ ଯଶ ଗାନ
ଗାଇ ଗାଇ ଦିଏ ଶ୍ରଦ୍ଧା ଅଞ୍ଜଳି ।

ଆଜି ପରା ଶୁଭତିଥି
ପାଇଲୁ ଆମେ ମୁକତି
ଥିଲୁ ଆମେ ବିଦେଶୀଙ୍କ ଗୁଲାମ
ଲୁହ ଲହୁ ସବୁ ଦେଇ
ଅସହ୍ୟ ଯାତନା ସହି
ଇଂରେଜଙ୍କୁ ମାରୁଥିଲୁ ସଲାମ ।

'ଛାଡ଼ ଆମର ମୂଲକ'
ଅଖଣ୍ଡ ଭାରତ ଲୋକ
ଡାକରାରେ ଗୋରା ହେଲେ ଛାନିଆ
ଅହିଂସାର ପରାକ୍ରମେ
ବଇରୀ ହାରି ସଂଗ୍ରାମେ
ଡେଇଁ ପଳାଇଲା ସାତ ଦରିଆ ।

ଆମ ମତେ ଆମନୀତି
ଚାଲୁହେଲା ରାଜନୀତି
ସ୍ୱତନ୍ତ୍ର ଏ ଦେଶ ଆମେ ସ୍ୱାଧୀନ
ଜିଉଁଛି ଖୁସିରେ ଜାତି
ନାହିଁ ଭୟ ନାହିଁ ଭ୍ରାନ୍ତି
ନିରଙ୍କୁଶେ ବିତିଯାଏ ଜୀବନ ।

ସେତେବେଳ କଠିନତା
ସହି ଯେତେ ନିଷ୍ଠୁରତା
ସୁଖ ଦେଲେ ଯେଉଁ ବୀର ସନ୍ତାନ
ଜନନୀ ମୋ ଜନ୍ମଭୂମୀ
ତାହା ପାଦରେ ପ୍ରଣାମୀ
ଭକ୍ତିପୂତେ ଅରପେ ମୁଁ ବନ୍ଦନ ।

ଶାନ୍ତି ମଇତ୍ରୀ ପ୍ରଗତି
ବିବିଧତାରେ ସହଂତି
ରାଷ୍ଟ୍ରୀୟ ଧ୍ୱଜା ଏହାର ପ୍ରତୀକ
ଗାଇ ରାଷ୍ଟ୍ରୀୟ ସଙ୍ଗୀତ
ଆସ ଉଡାଇବା ନେତ
ଆମ ଜାତି ଗୌରବର ମାନକ ।


♥ ବଇଞ୍ଚା, ଇରମ, ଭଦ୍ରକ
ମୋ:୮୯୭୯୪୪୭୦୩୬


## ବର୍ଷା ଦିନେ ଖାଲି ବର୍ଷା ହୁଏନି

### ଦିଲିପ୍ କୁମାର ତ୍ରିପାଠୀ



ବର୍ଷା ଦିନେ ଖାଲି ବର୍ଷା ହୁଏନି
ବେଳେବେଳେ ଆକାଶ କାନ୍ଦେ
ଘଡଘଡିର ପ୍ରଚଣ୍ଡ ଶବ୍ଦ ମଧ୍ୟରେ -
ଛାତିତଳର କାକୁସ୍ଥ କୋହ ବିଲୟ କରାଏ
ପାଗ ଦେଖି ବର୍ଷ ଯାକର ଲୁହ,
ବର୍ଷାରେ ମିଶାଏ

ପ୍ରେମିକାକୁ ଛୁଇଁ ନପାରିବାର ଦୁଃଖ
ଦୂରତାର ବେଡ଼ି,
ସମାଜର ନିୟମ
ଆଉ କିଏ କ'ଣ ଭାବିବାର ଭୟ ଭିତରେ
ଚାପିହେଇ ଚୁପ୍ ହେଇଯାଏ ତା' ମନ

ହାତରେ ନହେଲେ ନାହିଁ
ଲୁହରେ ଛୁଇଁବାକୁ ଚେଷ୍ଟା କରେ !

ଗୋଟିଏ ବର୍ଷର ପ୍ରତିକ୍ଷା ପରେ
ପୃଥିବୀର ତାଳୁରେ ଆଙ୍କେ ଚୁମ୍ବନ
ମାଟିକୁ କରେ ଗେଲ
ହାତ ପ୍ରସାରି ପୃଥିବୀକୁ କରେ ଆଲିଙ୍ଗନ

ଦୂରରେ ରହି ସମ୍ପର୍କ ଅତୁଟ କରିବାର କଳା
କେବଳ ଆକାଶକୁ ହିଁ ତ' ଜଣା !

ସମସ୍ତେ କୁହନ୍ତି ପାଗଳଟେ
ବନ୍ଧ ବାଡ ମାନେନି
ଦିନ ନାହିଁ ରାତି ନାହିଁ
ବେଳ ଅବେଳ କିଛି ନାହିଁ
ସମସ୍ତଙ୍କ ଆଗରେ ଧରି ପକାଏ ହାତ
ଦାଣ୍ଡରେ ପକାଏ, ପୃଥିବୀର ଇଜତ
ହଟହଟା କରେ ରାସ୍ତା ମଝିରେ
ପାଣି ପୁରେଇଦିଏ ଘର ଭିତରେ

କିନ୍ତୁ କେହି କେବେ ଦେଖନ୍ତିନି
କେମିତି ଚାଟିଚୁଟି ସଫାକରିଦିଏ
ପୃଥିବୀର ମଳିନତା
ଠିକ ପୋଷା କୁକୁରଟେ ପରି
ଶୁଆ ରଙ୍ଗର ଶାଢୀରେ ସଜେଇ ଦିଏ ତାକୁ
ଗଭାରେ ଖୋସିଦିଏ ରଜନୀଗନ୍ଧା
କବରୀରେ ବାନ୍ଧେ ମଲ୍ଲି ମାଳ

ବାପା ନହେଇବି କର୍ତ୍ତବ୍ୟ କରେ
ଥୋଇ ଦେଇ ଯାଏ ପେଟକୁ ଦାନା
ଗ୍ଲାସରେ ପାଣି,
ଠାକୁର ପୂଜା ପାଇଁ ଫୁଲ,
ଖରାକୁ ଛାଇ
ଚାହିଁ ରହିଥିବ ଅହରହ
ମୁଣ୍ଡ ଉପରେ ଛାତଟେ ହେଇ

ଏତେ ସବୁ କାହା ପାଇଁ କରେ ସେ
କେହି କ'ଣ କେବେ ବୁଝିଛି ?
କେହି ନବୁଝୁ, କେହି ନଜାଣୁ
ଆକାଶ ଏମିତି ଜାହିର୍ କରି ଚାଲିଥିବ
ତା' ଭଲ ପାଇବା
ସାରା ଜୀବନ !


♥ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ
ମୋ: ୯୭୭୮୧୦୬୧୦୫


## ମୌସୁମୀ

### ଭବାନୀ ଶଙ୍କର ନାୟକ



କେହି ତୁମକୁ ଡ଼ାକୁ
ଅବା ନ ଡ଼ାକୁ
ତୁମେ ଆସ ସମୁଦ୍ର, ନଈ
ବଣ, ବିଲ ଡ଼େଇଁ
ଆମ ଗାଁକୁ ଠିକ୍ ସମୟରେ ।
ତିଳତିଳ ଜଳି
ରଡ଼ ନିଆଁରେ
ଢାଳିଦିଅ ସୁଶୀତଳ ଜଳ
ମାଟି, ଗଛଲତା, ପକ୍ଷୀ,
ଜୀବଜନ୍ତୁ ପରେ ।

ରଙ୍ଗଠୁ ଖୁବ୍ ଦୂରେ ଥାଏ
ତୁମ ଦେହ,
ଯେବେ ତୁମେ ରଙ୍ଗାଅ
ସାରା ସଚରାଚର
ଇନ୍ଦ୍ରଧନୁର ସାତ ରଙ୍ଗରେ ।
ତୁମେ କେବେ ଲେସି ହୁଅନି
ଅତରଠୁ ଟୋପେ
ଯେବେ ତୁମେ ମହକାଅ
ମୋ ଗାଁ ଚୌହଦି
ଭିଜା ମାଟିର ବାସ୍ନାରେ ।

ଆୟୁ ସରିସରି ଆସୁଥିବା
ଜୀର୍ଣ୍ଣ ଦେହକୁ ଦୀର୍ଘାୟୁ କର
ନିଜ ଆୟୁ ବଦଳରେ ।
କେବେ କେବେ ତୁମେ
ସନ୍ଧି କର
ବିଜୁଳି ଘଡ଼ଘଡ଼ି ସାଥେ
କାଳେ ତୁମେ ଭାବିନିଅ
ଚୋର ଚୋରିଠୁ
ପାପୀ ପାପଠୁ ଦୂରେଇ ଯିବେ
ପ୍ରକୃତି ଭୟରେ ।

ତୁମେ ଫେରିଯାଅ ଯେବେ
ସମୁଦ୍ର ସେପାଖେ
ସାଥିରେ ସାଉଁଟି
ଇତସ୍ତତ ଘୁରୁଥିବା
ତମାମ୍ ଛାତିର ଶୂନ୍ୟତାକୁ
ଭରିଦେଇ ସୁନେଲି ଖରା
ସମ୍ଭାବନାର ।
ସବୁରି ମୁହଁରେ ଚର୍ଚ୍ଚା,
ମୌସୁମୀ ନିଛକ ମନଟିଏ
ନିମିଷକେ ତୋଳି ପାରେ
ମରୁରେ ଫୁଲର ସହର ।


♥ଲାଡ଼ୁ, କୁଚିଣ୍ଡା, ସମ୍ବଲପୁର
ମୋ-୯୯୩୮୩୪୪୬୮୧




## ଇଏ ବୋଧେ ପ୍ରେମ

### ଶ୍ରୀ କୁଞ୍ଜ ବିହାରୀ ସାହୁ

ଆକାଶରେ କଳା ମେଘ ଦିଶୁନାହିଁ ଆଉ
ତିନ୍ତୁନାହିଁ ରାସ୍ତାଘାଟ, ଖାଲଖମା ଯେତେ
ପାଣିଚିଆ ଖରା ମହୀ ପରେ ରହିଥାଉ
ପ୍ରକୃତି ବି ଝଲସିବ
ନିତି ସେତେ ସେତେ।

ଅପରାହ୍ନେ ଗୋରୁପଲ ଗୋଡ଼େ ଧୂଳି ଧରି
ଫେରୁଥାନ୍ତି ଗୁହାଳକୁ ହମା ରଡ଼ି ଛାଡ଼ି
ପେଣ୍ଟକଟା ସାହି ଝିଅ ନାଁ ତା'ର ପରୀ
ଆସିଗଲା ମୋ ପାଶେ
ରାଗେ ମୁହଁ ଝାଡ଼ି।

କହିଦେଲା-'ତୁ ଗୋଟେ ଅପାଠୁଆ ପିଲା
ସମୁଦ୍ରରେ ଡଙ୍ଗା ବାହି ଧରୁଅଛୁ ମାଛ
ଗୋଧୂଳିରେ ମୋତେ ଦେଖି
ମନ କରୁ ଢିଲା, ଭାବୁଛୁକି ଦେବୁ ଟିକେ
ପ୍ରେମ ଭରା ଲାଞ୍ଚ!'
ମୁଁ ସିନା ଅପାଠୁଆ ତୁ ଅପାଠୋଇ
ସମୁଦ୍ରରେ ମାଛ ଧରା ଦୁହିଁଙ୍କର ପେଶା
ମୁଁ ତୋର କଳାକାହ୍ନୁ ତୁ ମୋର ରାଇ
ଆଜିଠାରୁ ପ୍ରେମ ପରା ହେଇଗଲା ନିଶା।

ନଇଁଗଲା ସଞ୍ଜ ଧୀରେ ଗାଁ ମାଟି ଛୁଇଁ
ପରୀ ଛାତି ମୋ ଛାତି ମିଶିଗଲା ଯେବେ
ଯାଉଥିଲା ସେହିବାଟେ ରମା ଝିଅ 'ଟୁଇଁ'
କହିଦେଲା-
ସାନୁଭାଇ ପ୍ରେମ ଇଏ ତେବେ।


♥ଭୁବନେଶ୍ୱର
ମୋ: ୭୦୦୮୧ ୪୨୦୪୦




## ସାଧାରଣ ଝିଅ

### ସୁଧାଂଶୁ ଶେଖର ଦ୍ୱିବେଦୀ

ପ୍ରେମର ଅଧୁରା କାହାଣୀ ଶୁଣି
ଲାଜରେ ପଳେଇ ଯାଏ
ସାଧାରଣ ଝିଅ।
ଅପରିଚିତ ଲୋକଙ୍କୁ ଦେଖି
ସଂକୋଚରେ ଲୁଚିଯାଏ
ସାଧାରଣ ଝିଅ।
ମା'ର ପଣତ, ବାପାଙ୍କ କାନ୍ଧ
ନିଜର ସୁରକ୍ଷା କରିଥାଏ
ସାଧାରଣ ଝିଅ।
ପ୍ରେମକୁ ଲେଖେ,ପ୍ରେମକୁ ପଢେ
ପ୍ରେମ କରିବକୁ ଡରେ
ସାଧାରଣ ଝିଅ।
ଏବେ ଦେଖିବାକୁ ମିଳୁନାହିଁ
କୋଉଠି ବି ଆଜିକାଲି
ଜଣେ ହେଲେ କେହି
ସାଧାରଣ ଝିଅ।


♥ବିସି-୭୪ ,ସଲଟ ଲେକ୍,
କଲକାତା-୬୪
ମୋ-୯୬୮୧୩୭୩୫୧୨




## କ୍ଷେତ ହିଡ଼ରେ କାଶତଣ୍ଡୀ

### ପ୍ରଶ୍ନ କୁମାର ଶତପଥୀ

ଶୂନ୍ୟର ଅସ୍ଥିର ଧବଳ ମେଘ ପରି
ଧରିତ୍ରୀର ସବୁଜ କୋଳରେ
ବିଲ କ୍ଷେତର ହିଡ଼/କିନାରାରେ
ଚଳିତ ବରଷା ମାସରେ
ସୁଲୁସୁଲୁ ଦକ୍ଷିଣା ବାଆରେ
କାଶତୃଣ ଉଠୁଛି ଦୋହଲି,
ଧାନ କ୍ଷେତ ଫସଲ ପ୍ରାନ୍ତରେ
କାଶତଣ୍ଡୀ ଶୁଭ୍ରତାରେ
ନରମ ସୁନ୍ଦର ମସୃଣ ଚାରୁରେ
ଦୁଇ ନୟନର
ଚଞ୍ଚଳତା ଆଉ ଅନୁଭବରେ
ଚହଲି ଉଠୁଛି
ମନ ପରିଧିରେ ବାରେ ବାରେ ଖାଲି ।


♥ଦୁମାଡିହି, ଜାମଦା, ମୟୂରଭଞ୍ଜ


## ହେ ବୈଷ୍ଣବ ଜନେ..!

### ଆଦ୍ୟାଶା ମହାପାତ୍ର



ପ୍ରତିଶ୍ରୁତି ଏଠି ତୁଚ୍ଛା ପ୍ରବଚନ
ପ୍ରତିଜ୍ଞା ପଶ୍ଚାତେ ପ୍ରତାରଣା
ନୀତି ନିୟମରେ ନୈତିକତା ନାହିଁ
ଦାନ ଧର୍ମ ସବୁ ପ୍ରବଞ୍ଚନା ।

କର୍ତ୍ତବ୍ୟ ଏଇଠି ମାଗିବସେ ମୂଲ୍ୟ
ସେବା ଚାହେଁ ଭବ୍ୟ ସମ୍ବର୍ଦ୍ଧନା
ଆଦର୍ଶ ସୂଚାଏ ସ୍ୱୀୟ ଅହଂକାର
ଅସୂୟାକୁ କରେ ନିରାଜନା ।

ଛଦ୍ମବେଶ ତଳେ ଲୁକ୍କାୟିତ ଥାଏ
କାମନା ବାସନା ଅଭିସନ୍ଧି
କୂଟ କପଟରେ ପୁରା ହୁଏ ସ୍ୱାର୍ଥ
ଛଳେ ଆତ୍ମୀୟତା ହୁଏ ବନ୍ଦୀ ।

ସତ୍ୟ ଶାନ୍ତି ଶବ୍ଦ ଲାଗେ ପ୍ରହସନ
ନ୍ୟାୟ ନୁହେଁ ଏଠି ସ୍ୱତଃସ୍ଫୂର୍ତ
ରାଜନୀତି ପାଶେ ସବୁ ମୂଲ୍ୟହୀନ
ବିଚାର ବ୍ୟବସ୍ଥା ବିପର୍ଯ୍ୟସ୍ତ ।

କାଞ୍ଚନ ପୁଟରେ ଦୀପ୍ତ କୁସଂସ୍କାର
କମନୀୟ କରେ କଳାକାର
ଅନ୍ଧବିଶ୍ୱାସର ଅତର ବୋଳଇ
ଖେଳିଯାଉ ପଛେ ହାହାକାର ।

ମାନବିକତାର ଦ୍ୱାହିରେ ଜାଜ୍ଜ୍ୱଲ୍ୟ
ଲୋକ ଦେଖାଣିଆ ପ୍ରତିଶ୍ରୁତି
ସୁରେଲି କଣ୍ଠରେ ସଦଭାବନା ମନ୍ତ୍ର
ସାମ୍ୟବାଦ ନାମେ ପ୍ରିୟାପ୍ରୀତି ।

ହେ ବୈଷ୍ଣବ ଜନେ! କୁହ ହୃଦୟରୁ
କେମିତିକା ଆମ ସ୍ୱାଧୀନତା !
ରାମରାଜ୍ୟ ଏଠି ନୁହେଁ କି ଦୁଃସ୍ୱପ୍ନ
ଗାନ୍ଧୀ ସ୍ୱପ୍ନ କିବା ବାସ୍ତବତା...!


♥ନୂଆପଡା, କଟକ


## ରଙ୍ଗ

### ପ୍ରତିମା ମେହେର



ଆକାଶର ରଙ୍ଗ ନୀଳ
ଜାଣେନା ବୋଲି ତ
ତା ଦେହରେ
ମଇଳାର ରଙ୍ଗ

ସାତ ରଙ୍ଗକୁ ଚିହ୍ନେନା ସିଏ
ଉଡୁଥିବା ତିନି ରଙ୍ଗର
ପତାକାକୁ ଭାବେ
ଅଭାବି ରଙ୍ଗ

ଠିକ୍ ଚିହ୍ନେ ଧଳା ରଙ୍ଗ
ବୋଲି ତ ଡବ୍ ଡବ୍
ଫୁଟୁଥାଏ ସକାଳରୁ ସଞ୍ଜ
ଦି ମୁଠା ଚାଉଳ

ରଙ୍ଗ ହୀନ ତା ଦେହର ରଙ୍ଗ
ଜାତି ଜାତି ପ୍ରଜାପତି
ଉଡି ବୁଲେ, ଖୋଲା ଅଗଣାରେ
ଦେଖେ ସେଠି
ପ୍ରକୃତି ରଙ୍ଗ

ଜୀବନର ଫିକା ଫିକା ରଙ୍ଗ
ନେସି ହେଇ ଯାଇଛି
କୋଉ କାଳୁ ଯେ ?
ଉତୁରି ଯାଉଛି,ସବୁ ରଙ୍ଗ
ରହିଯାଇଛି,
ଗରିବର ରଙ୍ଗ ।


♥ପାଟଣାଗଡ଼, ଜି.ବଲାଙ୍ଗୀର
ମୋ: ୮୯୦୮୭୫୫୭୦୫


## କ୍ଷେତ ସୁନ୍ଦର ଦିଶୁଛି

### ସୁନୀଲ କୁମାର ପ୍ରଧାନ



ନୀଳ ନୀଳ ରଙ୍ଗ ପତର ସୁନ୍ଦର
ବଙ୍କା ବଙ୍କା ଧାନ କେଣ୍ଡା
ବିଲର ପାଣିରେ ବୁଲୁଅଛି ଦେଖ
ମୁଣ୍ଡ ଟେକୁଅଛି ଧଣ୍ଡା ।

ବିଲର ହିଡରେ ଘାସ ଗଛ କେତେ
ନୂଆଁ ଜନମ ପାଇଛି
ମୋ ମାଟି ମାଆର ମହକ ପରାଏ
ଘନ ଘନ ସେ ବାସୁଛି ।

ହଳ ଧରି ଚାଷୀ ବିଲ ହଳ କଲା
ଦଳେ ଦେଲେ ବିଲ ରୋଇ
ହଳିଆ ଗୀତରେ ଦୁଲୁକେ ମୋ କ୍ଷେତ
ହୁଳୁହୁଳା ଦିଏ ଆଇ ।

ଏହି ସମୟରେ ଆକାଶ ମାର୍ଗରୁ
ବିଜୁଳି ଶବଦ ଦେଲା
ବିନ୍ଦୁ ବିନ୍ଦୁ ଜଳ ଏକତ୍ରିତ ହୋଇ
କ୍ଷେତକୁ ସୁନ୍ଦର କଲା ।

ଚାଷୀଭାଇ ତାର ମନ ଆନନ୍ଦରେ
ଖୁସିରେ ପାଗଳ ହେଲା
ଗୋଟେ ଗୋଟେ କରି ସବୁ ଚାଷଜମି
ଚାରାକୁ ଲଗାଇ ଦେଲା ।


♥ଝାଟିପଦର, ପାଲୁର ,ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ଯେବେ ଆମେ ଅଶିକ୍ଷିତ ଥିଲୁ


### ଅରୁଣ କୁମାର ତ୍ରିପାଠୀ



ଯେବେ ଆମେ ଅଶିକ୍ଷିତ ଥିଲୁ
ଗାଁ ରେ ରହୁଥିଲୁ
ଆମର ପାଠପଢା ଶିଖି
ଚିନ୍ତାରେ ରହିଗଲୁ ।
ଯେବେ ଅଶିକ୍ଷିତ ଥିଲୁ
ଅନ୍ଧାରରେ ରହୁଥିଲୁ
ଯେବେ ପାଠ ପଢି ସାରିଲ
ଅନ୍ୟଙ୍କୁ ଅନ୍ଧାରରେ ରଖିଦେଲୁ
ଅଶିକ୍ଷିତ ସମୟରେ
ନିଜ ଲୋକଙ୍କ ପାଇଁ ଜିଉଁଥିଲୁ
ଏବେ କେବଳ ସ୍ୱପ୍ନ ପାଇଁ ଜିଉଁଛୁ ।
ଯେବେ ଅଶିକ୍ଷିତ ଥିଲୁ ସମ୍ପର୍କୀୟ ଥିଲୁ
ପାଠ ପଢି ଦୂର ସମ୍ପର୍କୀୟ ହେଇଗଲୁ
ସେବେ ପଇସାଥିଲା ମୁରବି ହାତରେ
କିନ୍ତୁ ସବୁ ସୁଖରେ ଥିଲୁ
ଆଜି ପଇସା ସବୁଠେ ଥାଇ
ଆମେ ଦୁଃଖରେ ରହିଗଲୁ
ଅଶିକ୍ଷିତ ଆମକୁ ବହୁତ ଶିଖେଇ
କିଛି ଦାବି କରିନାହାନ୍ତି
ଆମେ ସେହି ଶେଷ ପିଢି
ଯାହା ମା' ମାନେ ଫେସ୍ ବୁକ୍
ବି ବ୍ୟବହାର କରିନାହାନ୍ତି ।


♥ଜୟପୁର
ମୋ: ୯୦୭୮୮୩୮୬୨୭

# ବେଦବ୍ୟାସ ଝୁଲାପୋଲ ବାଟ ଫିଟିଲା : ସରକାରଙ୍କୁ ପ୍ରଦାନ କରାଗଲା ଡିପିଆର



ରାଉରକେଲା, ୨୧/୦୭ (ନି.ପ୍ର): ବିବାଦରେ ଝୁଲିଥିବା ବେଦବ୍ୟାସ ଝୁଲାପୋଲ ନିର୍ମାଣ ପାଇଁ ବାଟ ଫିଟିଛି। ସର୍ଭେ ପରେ ପ୍ରକଳ୍ପ ବିସ୍ତୃତ ରିପୋର୍ଟ (ଡିପିଆର) ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ବ୍ରିଜ ପରାମର୍ଶଦାତା ଇଂ. ଅଶୋକ କୁମାର ବାସା ତ୍ରିବେଣୀ ସଙ୍ଗମ ବେଦବ୍ୟାସରେ ଅତ୍ୟାଧୁନିକ ଝୁଲାପୋଲ ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଛନ୍ତି। ବେଦବ୍ୟାସ ବିକାଶ ମଞ୍ଚ, ବିଭିନ୍ନ ରାଜନୈତିକ ଦଳର ଉଦ୍ୟମ ଯୋଗୁ ଜିଲ୍ଲାବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ହେଲେ ବ୍ରିଜ ପରାମର୍ଶଦାତା ଇଂ ବାସାଙ୍କ ସୁପାରିଶ ଓ ଡିପିଆର ମିଳିବା ପରେ ଆସନ୍ତା ଦିନରେ ରାଜ୍ୟ ସରକାର ଦୀର୍ଘଦିନର ପ୍ରକଳ୍ପକୁ ବାସ୍ତବ ରୂପ ଦେବାକୁ କେତେଗୁରୁତ୍ୱ ଦେଉଛନ୍ତି, ତା'ଉପରେ ନଜର ରହିଛି। ଉଲ୍ଲେଖଯୋଗ୍ୟ, ପ୍ରାୟ ମାସକ ତଳେ ରାଉରକେଲା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭାଗିରଥୀ ସାହୁ, ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ମହାପାତ୍ର ତତ୍ୱାବଧାନରେ ସର୍ଭେ କାର୍ଯ୍ୟ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁମତିକ୍ରମେ ଅଗ୍ନିଶମ ବିଭାଗର ଅଧିକାରୀ କୃତିବାସ ସାହୁଙ୍କ ନେତୃତ୍ୱରେ ୧୧ ଜଣିଆ ଦଳ ସହଯୋଗ କରିଥିଲେ। ସର୍ଭେ କାମ ସହ ପ୍ରକଳ୍ପ ରିପୋର୍ଟର ତଦାରଖ ପାଇଁ ବ୍ରିଜ ପରାମର୍ଶଦାତା ଇଂ. ଅଶୋକ କୁମାର ବାସାଙ୍କୁ ଦାୟିତ୍ୱ ଦିଆଯାଇଥିଲା। କେବଳ ଏତିକି ନୁହେଁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଗତ ମେ ୧୮ରେ ଭୁବନେଶ୍ୱରରୁ ବିଶ୍ୱବ୍ୟାଙ୍କ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଦୁର୍ଗାପ୍ରସନ୍ନ ମିଶ୍ର ହାଡ଼ପକାଘାଟ ତଥା ପାଖାପାଖି ଅଞ୍ଚଳ ବୁଲି ଦେଖିଥିଲେ। ପ୍ରକଳ୍ପ ଉପରେ ତୁରନ୍ତ କାର୍ଯ ଆରମ୍ଭ ହେବ ବୋଲି ସେତେବେଳେ କହିଥିଲେ। ଏହା ପୂର୍ବରୁ ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନମନ୍ତ୍ରୀଙ୍କୁ ଝୁଲାପୋଲ ନିର୍ମାଣ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେବଳ ଏତିକି ନୁହେଁ ବହୁ ପୂର୍ବରୁ ତତ୍କାଳୀନ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ବେଦବ୍ୟାସ ଝୁଲାପୋଲ ପାଇଁ କେନ୍ଦ୍ର ଆଦିବାସୀ ବିଭାଗ ପାଣ୍ଠିରୁ ଅର୍ଥ ମଞ୍ଜୁର କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏନ୍‌ଓସି ନ ମିଳିବାରୁ ବର୍ଷ ବର୍ଷ ଧରି ପାଣ୍ଠି ପଡ଼ି ରହିବା ପରେ ଫେରିଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ବେଦବ୍ୟାସ ପୀଠର ଶୋଭବର୍ଦ୍ଧନ ପାଇଁ ଝୁଲାପୋଲ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

# ବଲାଙ୍ଗୀର ନାଗରିକ କମିଟି କାର୍ଯ୍ୟକାରିଣୀ ବୈଠକ : ପୋଲିସ ଟ୍ରାଫିକ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା

ବଲାଙ୍ଗୀର, ୨୧/୦୭ (ନି.ପ୍ର): ବଲାଙ୍ଗୀର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ କମିଟିର ସଭାପତି ଇଂ. ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ୫-ଟି ସଚିବ ପାଣ୍ଡିୟାନଙ୍କ ଗସ୍ତ ସମୟରେ ହସ୍ତାନ୍ତର କରାଯାଇଥିବା ଶିକ୍ଷା, ସ୍ୱାସ୍ଥ୍ୟ, ବଲାଙ୍ଗୀରରେ ଚିନି କାରଖାନା ସହ ସୂତାକଳ ପ୍ରତିଷ୍ଠା ଇତ୍ୟାଦି ୧୪ଦଫା ସମ୍ବଳିତ ଦାବି ସଂପର୍କରେ ଆଲୋଚନା କରି ତାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବାକୁ ନିଷ୍ପତି ହୋଇଥିଲା। କମିଟିର ସାଧାରଣ ସଂପାଦକ ମନୋରଂଜନ ସାହୁ ବୈଠକକୁ ପରିଚାଳନା କରିଥିବାବେଳେ ଇତିମଧ୍ୟରେ କମିଟିର ଦାବିକୁ ନେଇ ପୋଲିସ ଓ ପରିବହନ ବିଭାଗ ତରଫରୁ ଶବ୍ଦ ପ୍ରଦୂଷଣ ଜନିତ ବାଇକ୍‌ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ବୈଠକରେ ପ୍ରଶଂସା କରା ଯାଇଥିଲା। ବୈଠକର ପୂର୍ବରୁ ନାଗରିକ କମିଟି ତରଫରୁ ବହୁ ବର୍ଷ ପରେ ପ୍ରକାଶିତ ହେବାକୁ ଯାଉଥିବା ସ୍ମରଣିକା କମିଟିର ସଂପାଦନା ମଣ୍ଡଳୀର ସଭ୍ୟ ସର୍ବଶ୍ରୀ ଅଖିଳ ଚନ୍ଦ୍ର ହୋତା, ରଘୁ ନନ୍ଦନ ସିଂହ, ପୀତବାସ ପଣ୍ଡା, ବିମଳ ଚନ୍ଦ୍ର ଚୋପଦାର, ଜୟରାମ ମିଶ୍ର, ଗୋପଭୂଷଣ ନାଥ, ମନୋରଂଜନ ପୁରୋହିତ ପ୍ରମୁଖ ସ୍ମରଣିକାର କଳେବର ବୃଦ୍ଧି ପାଇଁ ସ୍ୱତନ୍ତ୍ର ଆଲୋଚନା କରିଥିଲେ। କାର୍ଯ୍ୟକାରୀ କମିଟି ବୈଠକର ଆଲୋଚନାରେ ଗଜେନ୍ଦ୍ର ଭ୍ରମର, ପଙ୍କଜିନୀ ପଣ୍ଡା, ଧର୍ମବ୍ରତ ରଥ, ଗୋପବନ୍ଧୁ ପୁରୋହିତ, ଦିବାକର ହୋତା, ପର୍ଶୁରାମ ନାୟକ ଓ ସଲିମ୍ ଖାନ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ଉପସଭାପତି ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି ଅଧିଗ୍ରହଣ ହୋଇ ୩ ବର୍ଷ ବିତିଲାଣି କେବେ ନିର୍ମାଣ ହେବ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ନୂତନ ଗୃହ

ମାଲକାନଗିରି, ୨୧/୦୭ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଥିବା ଉପଖଣ୍ଡ ଚିକିତ୍ସାଳୟ ଉପରେ ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଂଚାୟତର ଲୋକେ ନିର୍ଭର କରନ୍ତି। ୧୯୬୨ରେ ବାଲିମେଳା ମାଟିବନ୍ଧ ଯୋଜନା ଆରମ୍ଭ ପରେ ସେଥିରେ କାମ କରୁଥିବା କର୍ମଚାରୀ ଏବଂ ସ୍ଥାନୀୟ ଅଂଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ମାଟିବନ୍ଧ ଯୋଜନା ପକ୍ଷରୁ ମେଡିକାଲ ନିର୍ମାଣ କରାଯାଇଥିଲା । ୨୦୦୯ରେ ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଏବଂ ୨୦୧୬-୧୭ରେ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ପାଇଥିଲା । ମାତ୍ର ଉପଖଣ୍ଡ ଚିକିତ୍ସାଳୟ ହେବା ପରେ ଏହାର ଯେପରି ଉନ୍ନତି ହେବା କଥା ସେପରି ହୋଇନାହିଁ। ମେଡିକାଲ ଗୃହରୁ ଦୀର୍ଘ ବର୍ଷ ହେଲା ପାଣି ଗଳୁଛି। ଏଥିଯୋଗୁ ରୋଗୀ ସେବାରେ ବାଧା ଉପୁଜୁଛି। ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ ଲାଗି ୩ବର୍ଷ ହେଲା କମାରଗୁଡ଼ା ନିକଟରେ ୧୫ ଏକର ଜମି ଚିହ୍ନଟ ହୋଇ ଅଧିଗ୍ରହଣ ହୋଇଥିଲେ ମଧ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଗୃହ ନିର୍ମାଣ ହୋଇପାରିନାହିଁ। ଗୃହ ନିର୍ମାଣ ବିଳମ୍ବ ସମ୍ପର୍କରେ ମାଲକାନଗିରି ସିଡିଏମ୍‌ଓ ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ସେ କହିଲେ ଜମି ଅଧିଗ୍ରହଣ ପରେ ଟେଣ୍ଡର ହୋଇଥିଲା।

## ଚିମ୍ନିଭାଟି ପଡ଼ାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

ବଲାଙ୍ଗୀର, ୨୧/୦୭ (ନି.ପ୍ର): ଚିମିନିଭାଟିପଡା ସ୍ଥିତ ଶାସ୍ତ୍ରୀ କ୍ଲବଠାରେ ଆଜି ନାରୀ ଶକ୍ତି ସଂଗଠନ ବଲାଙ୍ଗିର ଓ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ମାଗଣାରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇ ଯାଇଛି । ୧୦୨ ଜଣଙ୍କର ପରୀକ୍ଷା ସମ୍ପର୍ଣ୍ଣ କରାଯାଇ ୩୦-୩୨ ଜଣଙ୍କ ମାଗଣାରେ ଅସ୍ତ୍ରୋପଚାର ପାଇଁ ମଧ ସୁବିଧା ହୋଇଥିଲା ଏବଂ ସେଥିମଧ୍ୟରୁ ୪ ଜଣ ସେହି ସମୟରେ ହିଁ ଅସ୍ତ୍ରୋପଚାର ପାଇଁ ସାଙ୍ଗରେ ଯିବାକୁ ରାଜି ହୋଇଥିଲେ । ବାକିମାନଙ୍କୁ ସୁବିଧା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି । ଶିବିର ସମୟରେ ସୋମନାଥ ମିଶ୍ର, ବିନୋଦ କାଲସାଏ, ସୁମେଶ ଡାଙ୍ଗ, ବିକାଶ ସା ଆସି ଉତ୍ସାହିତ କରିଥିବାରୁ ତାଙ୍କୁ ନାରୀ ଶକ୍ତି ସଂଗଠନ ତରଫରୁ ଧନ୍ୟବାଦ ଦିଆଯାଇଛି । କାଉନସିଲର ଶ୍ରୀମତୀ ପିଙ୍କି କବାଟ ମଧ ଯୋଗଦେଇ ଉତ୍ସାହିତ କରିଥିଲେ । ଶିବିରରେ ଶମ୍ଭୁ ନାଗ, ସୁବ୍ରତ ଖଣ୍ଡୁଆଲ ଏବଂ ଶ୍ୱେତପର୍ଣ୍ଣା ପଟନାୟକ ସାହାଯ୍ୟ କରିଥିବା ବେଳେ ସଂଗଠନର ସରିତା ଦାଶ, ପ୍ରିୟଙ୍କା ତ୍ରିପାଠୀ, ମମତା ଜେନା, ଜଗଦମ୍ବା ନାଏକ, ଅଙ୍କିତା ମହାନ୍ତି, ନୂତନ ସେନ୍ଦ୍ରିଆ, ଶ୍ରାବଣୀ ମେହେର ଏବଂ ନୂତନ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲେ ।

# ଭାଲୁ ଭର୍ତ୍ତି ପାହାଡ଼ରୁ ଉଦ୍ଧାର ହେଲେ 'ଜଙ୍ଗଲ ମଣିଷ' : ଦୁଇବର୍ଷ ହେଲା ଜଙ୍ଗଲରେ ରହୁଥିଲେ



କେନ୍ଦୁଝର, ୨୧/୦୭ (ନି.ପ୍ର): ଶେଷରେ ଉଦ୍ଧାର ହେଲେ 'ଜଙ୍ଗଲ ମଣିଷ। ଦୁଇଦିନର ଉଦ୍ୟମ ପରେ ଏହି ଅଭିଯାନରେ ସାମିଲ ଥିବା କର୍ମଚାରୀମାନେ ତାଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି। ଦିନେ କି ମାସେ ନୁହେଁ, ଦୁଇବର୍ଷ ହେବ ଭାଲୁ ଭର୍ତ୍ତି ପାହାଡ଼ ଉପରେ ରହୁଥିଲେ ବାବୁ। ଏନେଇ ଜୁଲାଇ ୨ ତାରିଖରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଆଜି ଏହି 'ଜଙ୍ଗଲ ମ୍ୟାନ୍‌ଙ୍କୁ ଉଦ୍ଧାର କରାଯାଇଛି। କେନ୍ଦୁଝର ସହର ଉପକଣ୍ଠ ନେଲୁଙ୍ଗ ଗ୍ରାମ କଡ଼ରେ ରହିଛି ଏକ ବଡ଼ ପାହାଡ଼। ଏହା ନେଲୁଙ୍ଗ ହୁଡ଼ି ନାମରେ ପରିଚିତ। ଏହି ନେଲୁଙ୍ଗ ହୁଡ଼ିରେ ବିଭିନ୍ନ କିସମର ଅନେକ ଗଛ ଓ ଏକାଧିକ ଗୁମ୍ଫା ରହିଛି। ଗୁମ୍ଫାଗୁଡ଼ିକରେ ଏକାଧିକ ଭାଲୁ ରହିଥାନ୍ତି। ଗୁମ୍ଫା ଭିତରୁ ଭାଲୁଗୁଡ଼ିକ ନିୟମିତ ଭାବେ ବାହାରି ହୁଡ଼ି ତଳେ ଥିବା ନେଲୁଙ୍ଗ ଗାଁରେ ପଶିଥାନ୍ତି। ଭାଲୁ ଭୟରେ ଲୋକେ ନେଲୁଙ୍ଗ ହୁଡ଼ିକୁ ଯାଇନଥାନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ଦୁଇବର୍ଷ ହେବ ନେଲୁଙ୍ଗ ଗାଁର ସାଗର ନାଏକ ଓରଫ ବାବୁ ନେଲୁଙ୍ଗ ହୁଡ଼ିରେ ଥିବା ଗୁମ୍ଫାରେ ରହିଆସୁଥିଲେ। ଯେଉଁ ଗୁମ୍ଫାରେ ବାବୁ ରହୁଥିଲେ, ତାର ଚାରିପାଖରେ ମାଳମାଳ ଭାଲୁ ଘୂରି ବୁଲୁଥିଲେ। ମା କୁନ୍ତଳା ତାଙ୍କ ପାଖରେ ଖାଦ୍ୟ ନେଇ ପହଞ୍ଚାଉଥିଲେ। ଅନେକ ବୁଝାସୁଝା ପରେ ବି ସେ ଘରକୁ ଫେରୁ ନଥିଲେ। ଏ ସମ୍ପର୍କରେ 'ଭାଲୁ ଭର୍ତ୍ତି ପାହାଡ଼ରେ ଦୁଇବର୍ଷ ହେଲା ବାବୁ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ତାଙ୍କୁ ଉଦ୍ଧାର କରିବା ପାଇଁ ଡିଏମ୍‌ଏଫ୍ ଦ୍ୱାରା ପରିଚାଳିତ 'ଆଶ୍ରୟ ଅନୁଷ୍ଠାନକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ଗତକାଲି ଅନୁଷ୍ଠାନର କର୍ମଚାରୀମାନେ ଏକ ଟିମ୍ ନେଇ ନେଲୁଙ୍ଗ ହୁଡ଼ିକୁ ଯାଇଥିଲେ। ସେଠାରେ ଉଦ୍ଧାରକାରୀ ଟିମ୍‌କୁ ଦେଖି ବାବୁ ଲୁଚି ଯାଇଥିଲେ। ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନଥିଲା। ଆଜି ପୁଣି ଭୋରରୁ ଏହି ଟିମ୍ ନେଲୁଙ୍ଗ ହୁଡ଼ିକୁ ଯାଇଥିଲା। ବାବୁ ଏକ ଗୁମ୍ଫା ଭିତରେ ଶୋଇଥିବା ବେଳେ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଉଦ୍ଧାର ପରେ ପ୍ରଥମେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାପରେ ତାଙ୍କୁ ଆଶ୍ରୟ ଗୃହକୁ ନିଆଯାଇଛି। ବାବୁ ଉଦ୍ଧାର ହେବା ପରେ ତାଙ୍କ ମା କୁନ୍ତଳା ନାଏକ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବହୁଦିନ ଧରି ସେ ପୁଅକୁ ଘରକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରୁଥିଲେ। ମାତ୍ର ସଫଳ ହେଉ ନଥିଲେ। ଜିଲ୍ଲା ପ୍ରଶାସନ ତାଙ୍କୁ ଉଦ୍ଧାର କରିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ସେହିପରି ଗ୍ରାମବାସୀ ସଂଜୟ ପଣ୍ଡା କହିଛନ୍ତି, ପ୍ରଶାସନର ଏହା ଏକ ମହତ କାମ। ବହୁ ଦିନରୁ ଗ୍ରାମବାସୀ ଏହା ଚାହୁଁଥିଲେ ବି କରିପାରୁ ନଥିଲେ। ପ୍ରଶାସନ ତାଙ୍କୁ ଉଦ୍ଧାର କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଏ ସମ୍ପର୍କରେ 'ଆଶ୍ରୟର ସଂଯୋଜକ ଜଟାଧାରୀ ସାହୁ କହିଛନ୍ତି, ସାମାଜିକ ସୁରକ୍ଷା ଅଧିକାରୀଙ୍କଠାରୁ ଚିଠି ପାଇବା ପରେ ଆମେ ବାବୁଙ୍କୁ ଉଦ୍ଧାର କରିବାପାଇଁ ଯୋଜନା କରିଥିଲୁ। ଆଜି ତାଙ୍କୁ ଉଦ୍ଧାର କରାଯାଇଛି ବୋଲି ସେ କହିଛନ୍ତି।

## ଆଶାକର୍ମୀଙ୍କ ବୈଠକ : ଦାବି ପୂରଣ ନେଇ ବିକ୍ଷୋଭ ଶୋଭାଯାତ୍ରା କରାଯିବ

ଜୟପୁର, ୨୧/୦୭ (ନି.ପ୍ର): ଓଡିଶା ରାଜ୍ୟ ଆଶାକର୍ମୀ ସଂଘର ଜୟପୁର ବ୍ଲକର ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ଟାଉନ ହଲ ଠାରେ ଆୟୋଜିତ ଏହି ବୈଠକରେ ବିଏମଏସ ସଭାପତି ଏ. ଭିମା ରାଓ, ରାଜ୍ୟ ସାଧାରଣ ସମ୍ପାଦିକା କମଳା ବେହେରା, କୋରାପୁଟ ଜିଲା ସଭାପତି ସୁଚିତ୍ରା ରାଣି ସେଠି, ଜିଲା ସମ୍ପାଦିକା ଭବାନି ପୁଜାରି, ଜୟପୁର ବ୍ଲକର ସଭାପତି ସୁଜାତା ଦୁରିଆ, ବ୍ଲକ ସମ୍ପାଦିକା ଗୌମିତି ମଉରିଆ ଉପସ୍ଥିତ ଥିଲେ। ପ୍ରତ୍ୟେକ ମାସ ୧୦ ତାରିଖ ସୁଦ୍ଧା ଆଶା ପ୍ରୋତ୍ସାହନ ରାଶି ପଇଠ କରାଯାଉ ଏବଂ ଆଶାକର୍ମି ମାନଙ୍କର ସାତ ଦଫା ଦାବି ପୂରଣ କରିବାକୁ ଆଗାମି ଦନରେ ପୁଣି ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ କରିବାକୁ ନିଷ୍ପତି ହୋଇଛି । ସେମାନଙ୍କର ଦାବି ଗୁଡକ ହେଲା ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯାଉ, ଆଶା କର୍ମି ମାନଙ୍କୁ ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ବେତନ ଯୋଗାଇ ଦିଆଯାଉ, ସାମାଜିକ ସୁରକ୍ଷା ଅନ୍ତର୍ଗତ ଗ୍ରାଚ୍ୟୁଟି, ଇପିଏଫଓ ଓ ଇଏସଆଇ ଲାଗୁ କରାଯାଉ, ଅବସର ଗ୍ରହଣ କରିଥିବା ଆଶାକର୍ମି ମାନଙ୍କୁ ୫ ଲକ୍ଷ ଟଙ୍କା ସହାୟତା ରାଶି ଓ ୫ ହଜାର ଟଙ୍କା ପେନସନ ଦିଆଯାଉ, ଯୋଗ୍ୟ ଆଶାକର୍ମୀଙ୍କୁ ଏଏନଏମ ପଦବୀକୁ ପଦୋନ୍ନତି ଦିଆଯାଉ, ଆକସ୍ମିକ ମୃତ୍ୟୁରେ ୧୦ ଲକ୍ଷ ଟଙ୍କା ସହାୟତା ରାଶି ସହ ପରିବାରରୁ ଜଣକୁ ନିଯୁକ୍ତି ଦିଆଯାଉ ଆଦି ଦାବି ରହିଛି । ଜୟପୁର ବ୍ଲକର ଆଶାକର୍ମି ମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଦ୍ୱାରା ନୂତନ ତାଲିକାଭୁକ୍ତ ଆଇନଜୀବୀଙ୍କ ପ୍ରଶିକ୍ଷଣ ଶିବିର

ଜୟପୁର, ୨୧/୦୭ (ନି.ପ୍ର): ଜିଲ୍ଲା ଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଓ ସ୍ଥାୟୀ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ସଚିବ ସୁମନ ଜେନାଙ୍କ ତତ୍ୱାବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣରେ ନୂତନ ତାଲିକାଭୁକ୍ତ ଆଇନଜୀବୀମାନଙ୍କ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଓ ତାଲୁକ ଲିଗାଲ ସେବା କମିଟି ଯଥା:- କୋରାପୁଟ, କୋଟପାଡ, ବୋରିଗୁମ୍ମା, ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡା, ଲମତାପୁଟର ଆଇନଜୀବିମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ଏହି ଶିବିରରେ ବିଚାରପତି, ପାରିବାରିକ ଅଦାଲତ, ଜୟପୁର ଡଃ. ପବିତ୍ର ମୋହନ ସାମଲ ହିନ୍ଦୁ ବିବାହ ଅଧିନିୟମ ଓ ପତ୍ନୀଙ୍କ ରକ୍ଷଣବେକ୍ଷଣ ନିୟମ ଗୁଡିକ ବିସ୍ତୃତ ଭାବେ ପ୍ରକାଶ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ବିଚାରପତି (ପୋକସୋ କୋର୍ଟ), ଜୟପୁର ସି.ଏଚ. ବାସୁଦେବ ପାତ୍ର ହିନ୍ଦୁ ଆଇନ ଓ ମୁସଲିମ ନିୟମ ଅନୁଯାୟୀ ମହିଳାମାନଙ୍କର ସମ୍ପତି ଅଧିକାର ଏବଂ ସରକାରୀ ଓକିଲ, ଜୟପୁର ଶୈଳଜା ପଟ୍ଟନାୟକ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ରୋକିବା) ଅଧିନିୟମ, ୧୯୮୯ ଓ ପରିଶେଷରେ ସଭାପତି, ଜିଲ୍ଲା ଉପଭକ୍ତା ବିବାଦ ଆୟୋଗ, ଜୟପୁର ପ୍ରଫୁଲ କୁମାର ପଣ୍ଡା ଗ୍ରାହକ ସୁରକ୍ଷା ଅଧିନିୟମ ଉପରେ ଯୋଗଦାନ କରିଥିବା ସମସ୍ତ ନୂତନ ଆଇନଜୀବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶେଷରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିବାରୁ ସଚିବ ସୁମନ ଜେନା ସମସ୍ତ ପ୍ରଶିକ୍ଷକ ଓ ଆଇନଜୀବୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାଭିମାନ ଅଂଚଳର ୧୧୩୨ ଜଣଙ୍କୁ ଜଙ୍ଗଲ ଜମି ପଟା ବଂଟନ

ମାଲକାନଗିରି, ୨୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳର ଜିଲ୍ଲାପରିଷଦ ଜୋନ ୨ ଅଧୀନରେ ଥିବା ପାଂଚଗୋଟି ପଂଚାୟତ ବଡ଼ପଡା, ବଡ଼ପଦର, ରାଲେଗାଡ଼ା, ଧୂଳିପୁଟ ଓ ପାପର ମେଟଲା ର ୧୧୩୨ ଜଣ ଙ୍କୁ ଜଙ୍ଗଲ ଜମି ପଟା ପ୍ରଦାନ କରାଯାଇଛି । ଏହି ପଟା ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ଜିଲ୍ଲା ପରିଷଦ ଅଧକ୍ଷା ସମାରି ତାଂଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜଶ୍ରୀ ଖିଲ, ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଚିତ୍ରକୋଣ୍ଡା ତହସିଲଦାର ଟି ପଦ୍ମନାଭ ଦୋରା ଏବଂ ଚିତ୍ରକୋଣ୍ଡା ଜିଲ୍ଲାପରିଷଦ ଜୋନ -୨ ସମସ୍ତ ସରପଂଚ ଓ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ । ଜଙ୍ଗଲ ଜମି ପଟା ପାଇ ଏହି ଅଂଚଳର ଲୋକ ମାନେ ବହୁତ ଦିନରୁ ଦାବିକରି ଆସୁଥିଲେ । ପଟା ପାଇବା ପରେ ଅଂଚଳର ଲୋକମାନେ ବହୁତ ଖୁସି ହୋଇଛନ୍ତି ଓ ସେମାନଙ୍କୁ ପଟା ମିଳିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶିକ୍ଷାବିତ୍ ଓ ସାହିତ୍ୟିକ ସମାଜରେ ବିପ୍ଲବ ଆଣିପାରିବେ : ବିଶ୍ୱଭୂଷଣ

ଭୁବନେଶ୍ୱର , ୨୧/୦୭ (ନି.ପ୍ର): ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନନ ଏମ୍.ବି.ସି. ଟିଭି ଦ୍ୱାରା ଆୟୋଜିତ ଶିକ୍ଷା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସମାଜ ଓ ଦେଶକୁ ସମୃଦ୍ଧ ଏବଂ ପ୍ରଗତିଶୀଳ କରେ ବୋଲି କହିଥିଲେ। ଶିକ୍ଷା ସୁଦୃଢ଼ ହେଲେ ସମାଜ ବିକାସୋନ୍ମୁଖୀ ଦିଗରେ ଅଗ୍ରସର ହୋଇ ଶସକ୍ତ ହୁଏ। ପ୍ରତ୍ୟେକ ବ୍ୟକ୍ତି ନିଜର ଶିକ୍ଷା ପାଇଁ, ନିଜର ସମାଜ ପାଇଁ, ନିଜର ଅଧିକାର ପାଇଁ ଲଢ଼େଇ କରିବା ଉଚିତ୍। ଏହି ଶିକ୍ଷା ନିଜର ମାଟି ଓ ମା ପାଇଁ ଲଢ଼େଇ କରିବାକୁ ପ୍ରେରଣା ଦେଇଥାଏ। ଏ କ୍ଷେତ୍ରରେ ଶିକ୍ଷାବିତ୍ ଓ ସାହିତ୍ୟିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାଜର ଅଧୋଗତି ଦେଖିଲେ କିମ୍ବା ମାନବିକ ଅଧିକାରର ଉଲଘଂନ ହେଲେ ସେମାନେ ତାଙ୍କ ଲେଖା ଜରିଆରେ ବିପ୍ଳବ ସୃଷ୍ଟିକରିପାରନ୍ତି। ଶିକ୍ଷା କେବଳ ଆମେ ପାଠ୍ୟ ପୁସ୍ତକରୁ ପାଇଥାଉ ତାହା ନୁହେଁ ବରଂ ଆମେ ଆମର ଅନୁଭୂତିରୁ, ଜୀବନରୁ, ସମାଜରୁ, ନିଜଠାରୁ, ଅନ୍ୟମାନଙ୍କ ଠାରୁ ଆଦି ବିଭିନ୍ନ ଭାବରେ ଶିକ୍ଷା ଲାଭ କରିଥାଉ। ମହାତ୍ମା ଗାନ୍ଧୀ ଜୀବନ ସହିତ ଶିକ୍ଷାକୁ ତୁଳନା କରି କହିଛନ୍ତି, "ଯେତେ ଛୋଟ ହେଉ ପଛେ ଜବନରେ ଏପରି କିଛି ନାହିଁ, ଯେଉଁଥିପାଇଁ ଶିକ୍ଷାର ଚିନ୍ତା ପ୍ରକଟ କରାଯାଇ ପାରିବ ନାହିଁ।" ଶିକ୍ଷା ଜନ୍ମ ଠାରୁ ଆରମ୍ଭ ହୋଇ ସମସ୍ତ ଜୀବନବ୍ୟାପି ଅହରହ ଚାଲିଥାଏ। ମଣିଷ ଶିକ୍ଷା ଲାଭ ପାଇ ସେ ଅନ୍ୟ ଉପରେ ନିର୍ଭର କରେ। ସେ ପ୍ରକୃତି ହୋଇପାରେ, ଇତିହାସ ହୋଇପାରେ, ମୁନିରଷି ହୋଇପାରନ୍ତି, ସାଧୁସନ୍ଥ ହୋଇପାରନ୍ତି, ପରିବେଶ ପରିସ୍ଥିତି ମଧ ହୋଇପାରେ। ଯେଉଁ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼ ସେଇ ରାଷ୍ଟ୍ର ସେତିକି ଶକ୍ତିଶାଳୀ ଓ ବିକାସୋନ୍ମୁଖୀ। ୨୦୨୦ ମସିହାରେ ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯେଉଁ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି ତାହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଶିକ୍ଷାନୀତି ଦେଶକୁ ସମୃଦ୍ଧ ଓ ଶକ୍ତିଶାଳୀ କରିବାରେ ସହାୟକ ହେବ।ନୂତନ ଶିକ୍ଷାନୀତି ଭାଷା, ସଂସ୍କୃତି, ଦେଶପ୍ରେମ, ଜ୍ଞାନର ବିକାଶ, ଅନୁସଂଧାନ ଓ ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଛି।ଏହି ଶିକ୍ଷାନୀତି ମଣିଷର ସାମାଜିକ, ଆର୍ଥିକ, ନୈତିକ, ଧାର୍ମିକ, ବହୁଭାଷିକ, ମାନିସିକ, ଚାରିତ୍ରିକ ଆଦି ସାମଗ୍ରିକ ଭାବରେ ଉନ୍ନତି କରିବ ବୋଲି ରାଜ୍ୟପାଳ କହିଥିଲେ। କରୋନା ସମୟରେ ସମଗ୍ର ବିଶ୍ୱରେ କରୋନାର ମହାମାରୀକୁ ମୁକାବିଲା କରିବାରେ ଭାରତ ଅଗ୍ରଣି ଭୂମିକା ନେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଭାରତୀୟ ବୈଜ୍ଞାନିକ ମାନଙ୍କର ଗବେଷଣା ଦ୍ୱାରା ପ୍ରସ୍ତୁତ କୋଭିଡ଼ ଟିକା ଦେଶରୁ ୧୪୦ କୋଟି ଲୋକଙ୍କର ଜୀବନକୁ ସୁରକ୍ଷା ଦେଇ ପାରିଥିଲା। କେବଳ ସେତିକି ନୁହେଁ ପୃଥିବୀର ଅନେକ ଦେଶକୁ ଏ ଟିକା ବିନା ମୂଲ୍ୟରେ ପ୍ରେରଣ କରି ଲୋକମାନଙ୍କୁ ଏ ମହାମାରୀରୁ ରକ୍ଷା କରାଯାଇପାରିଥିଲା।

## ମାଙ୍କଡ଼ଚୁଆଁ ଜଙ୍ଗଲରେ ମହିଳାକୁ ଦଳିଦେଲା ଦନ୍ତାହାତୀ

ବଲାଙ୍ଗୀର, ୨୧/୦୭ (ନି.ପ୍ର): ଜଣେ ବୃଦ୍ଧା ଜଙ୍ଗଲକୁ ଶାଳ କାଠି ଭାଙ୍ଗିବାକୁ ଯାଇଥିବାବେଳେ ତାଙ୍କୁ ହାତୀ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ତେବେ ବଲାଙ୍ଗିର ବନାଂଚଳ ଅନ୍ତର୍ଗତ ଆଠଗାଁ ଫରେଷ୍ଟ ସେକ୍ସନର ଉପରଝର- ଆଠଗାଁ ରାସ୍ତା ଉପରେ ଥିବା ମାଙ୍କରଚୁଆଁ ଗାଁରେ ଏହି ଘଟଣାଟି ଘଟିଥିବା ବେଳେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ମହିଳା ଜଣକ ଆଠଗାଁର ପ୍ରେମଲତା ନନ୍ଦ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନସୁାରେ ପ୍ରେମଲତା ଶନିବାର ସକାଳେ ଘରୁ ବାହାରି ରେଙ୍ଗାଲ ପତ୍ର ଓ ଦାନ୍ତ ଘଷିବା କାଠି ଭାଙ୍ଗିବାକୁ ମାଙ୍କରଚୁଆଁ ଜଙ୍ଗଲକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ପାଇନଥିଲେ । ଆଜି ସକାଳୁ ଜଙ୍ଗଲ ଭିତରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଉକ୍ତ ମୃତଦେହଟି ଆଠଗାଁର ନିଖୋଜ ଥିବା ପ୍ରେମଲତା ନନ୍ଦଙ୍କ ବୋଲି ଜଣାପଡ଼ିଛି। ବୃଦ୍ଧା ଜଣଙ୍କୁ ହାତୀ ଦଳି ଚକଟି ମାରି ଦେଇଛି ବୋଲି ସ୍ଥାନୀୟ ଲୋକେ କହୁଥିବା ବେଳେ ଖବର ପାଇ ବନ ବିଭାଗ ଓ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅନ୍ୟପଟେ ବନବିଭାଗ ତରଫରୁ ମୃତକ ପରିବାରଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା କରଯାଇଥିବା ବେଳେ ପ୍ରଥମେ ୬୦,୦୦୦ ରାଶି ପ୍ରଦାନ କରାଯିବା ସହ ଅନ୍ତିମ ସତ୍କାର ପାଇଁ ଆଜି ୧୦,୦୦୦ ଟଙ୍କା ଦିଆଯିବ ବୋଲି ସଦର ରେଞ୍ଜର କେଶବ କିଶୋର ନାୟକ ସୂଚନା ଦେଇଛନ୍ତି।

## ଲଦାଖରେ ରାହୁଲ ଗାନ୍ଧୀ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଦେଶରେ ଯେତେବେଳେ କଂଗ୍ରେସ ସରକାର ଥିଲା ଓ ମନମୋହନ ସିଂହ ଦେଶର ପ୍ରଧାନମନ୍ତ୍ରୀ ଥିଲେ ସେତେବେଳେ କଂଗ୍ରେସ ଦଳ ଓ ଚୀନର ସରକାରୀ ଦଳ ଅର୍ଥାତ ଚାଇନିଜ କମ୍ୟୁନିଷ୍ଟ ପାର୍ଟି (ସିସିପି) ସହ ଏକ ଏମଓୟୁ ହୋଇଥିଲା । ଏକ ଭାରତର ଶତ୍ରୁ ଦେଶ ଚୀନକୁ ଚଳାଉଥିବା କମ୍ୟୁନିଷ୍ଟ ପାର୍ଟି ସହ କଂଗ୍ରେସ ଦଳ କାହିଁକି ଏମଓୟୁ କରିଥିଲା ? ଏହି ଏମଓୟୁ କେଉଁ ଉଦ୍ଦେଶ୍ୟରେ ହୋଇଥିଲା ? ଏହା ଆଜି ଯାଏ ଗୁପ୍ତ ରହିଛି । ବାରମ୍ବାର ଦାବି ସତ୍ୱେ କଂଗ୍ରେସ ଦଳ ଏ ସମ୍ପର୍କିତ ବିବରଣୀକୁ ସାର୍ବଜନୀନ କାହିଁକି କରୁ ନାହିଁ ?

କେବଳ ସେତିକି ନୁହେଁ ଆହୁରି ଏକ ବିପଜ୍ଜନକ କଥା ମଧ ସାମନାକୁ ଆସିଥିଲା । ରାଜୀବ ଗାନ୍ଧୀ ଫାଉଂଡେସନକୁ ୨୦୦୫ରୁ ୨୦୦୭ ମସିହା ମଧ୍ୟରେ ଚୀନର ଦୂତାବାସରୁ ୧.୩୫ କୋଟି ଟଙ୍କା ମିଳିଥିଲା । ଦେଶର ଗୃହ ମନ୍ତ୍ରୀ ଅମିତ ଶାହ ସଂସଦରେ ନିଜେ ଏହାକୁ କହିଥିଲେ । ଦେଶର ନିୟମରେ ଉଲ୍ଲଂଘନ କରି ଏହି ଧନରାଶି ନିଆଯାଇଥିବାରୁ ରାଜୀବ ଗାନ୍ଧୀ ଫାଉଂଡେସନର ଏଫସିଆରଏ ଲାଇସେନ୍ସ ମଧ ରଦ୍ଦ କରାଯାଇଛି ।

ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଚୀନ ରାଜୀବ ଗାନ୍ଧୀ ଫାଉଂଡେସନକୁ ଅର୍ଥ କାହିଁକି ଦେଉଥିଲା ? ଏକ ଶତ୍ରୁ ଦେଶରୁ ଭାରତର ପ୍ରମୁଖ ରାଜନୈତିକ ଦଳର ଫାଉଂଡେସନ ଅର୍ଥ ଗ୍ରହଣ କରିବା କେତେଦୂର ଠିକ ? ଏହା ପୂର୍ବରୁ ଡୋକଲାମ ବିବାଦ ବେଳେ ଉଭୟ ଦେଶ ମଧ୍ୟରେ ଉତେଜନାପୂର୍ଣ୍ଣ ପରିସ୍ଥିତି ସମୟରେ ରାହୁଲ ଗାନ୍ଧୀ ନୂଆଦିଲ୍ଲୀ ସ୍ଥିତ ଚୀନର ଦୂତାବାସ ଯାଇ ସେଠାରେ ଚୀନର ରାଷ୍ଟ୍ରଦୂତଙ୍କୁ ଭେଟିଥିଲେ । ଭାରତ ଉପରେ ଆକ୍ରମଣ କରିଥିବା ଏକ ଦେଶର ରାଷ୍ଟ୍ରଦୂତଙ୍କୁ ରାତିର ଅନ୍ଧକାରରେ ଲୁଚି ଯାଇ ଭେଟିବାର କାରଣ କଣ ଥିଲା ? ଏହା ମଧ ଆଜି ଯାଏ ଅନୁତରିତ ରହିଛି ।

ତେଣୁ କଂଗ୍ରେସ ଦଳର ଚୀନର କମ୍ୟୁନିଷ୍ଟ ପାର୍ଟି ସହ ଏମଓୟୁ ହସ୍ତାକ୍ଷର ହେବା , ରାଜୀବ ଗାନ୍ଧୀ ଫାଉଂଡେସନକୁ ଚୀନରୁ ଅର୍ଥ ହାସଲ ହେବା, ଭାରତ ଚୀନ ମଧ୍ୟରେ ଉତେଜନାପୂର୍ଣ୍ଣ ପରିସ୍ଥିତି ବେଳେ ଚୀନର ରାଷ୍ଟ୍ରଦୂତଙ୍କୁ ଭେଟିବା ଓ ଲଦାଖରେ ଚୀନ ସେନା ଅନୁପ୍ରବେଶ କରିଛି ବୋଲି ରାହୁଲଗାନ୍ଧୀ ବାରମ୍ବାର ବକ୍ତବ୍ୟ ଦେବା କାରଣରୁ ଅନେକ ସନ୍ଦେହ ତିଆରି ହେଉଛି । ଏହି ସନ୍ଦେହ ଦୂର ହେବା ଆବଶ୍ୟକ । ଯେତେବେଳେ କଂଗ୍ରେସ ନେତୃତ୍ୱରେ ୟୁପିଏ ୧ ଓ ୟୁପିଏ ୨ର ଶାସନ ଥିଲା ସେତେବେଳେ ଚୀନର ସୀମାରେ ଭାରତ କୌଣସି ପ୍ରକାର ଭିତିଭୂମି ନିର୍ମାଣ କରୁ ନଥିଲା .ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଏ,କେ ଅଂଟୋନୀ ସଂସଦରେ ନିଜେ ସ୍ୱୀକାର କରିଛନ୍ତି । ତାଙ୍କର ତର୍କ ଥିଲା ଯେ ଯଦି ଆମେ ସୀମାରେ ଭିତିଭୂମି ତିଆରି କରି ଦେବା ତେବେ ଚୀନ ଆମ ଉପରେ ଆକ୍ରମଣ କରି ଆମର ଭିତିଭୂମିକୁ ବ୍ୟବହାର କରି ଭାରତ ମଧ ପଶି ଆସି ପାରିବ । ତେଣୁ ଆମେ ଭିତିଭୂମି ତିଆରି କରୁ ନାହିଁ। କଂଗ୍ରେସ ସରକାରଙ୍କ ବଡ ବିଚିତ୍ର ତର୍କ ଥିଲା । ହେଲେ ବର୍ତମାନ ସ୍ଥିତି ବଦଳିଛି । ୨୦୧୪ ମସିହା ପର ଠାରୁ ବର୍ତମାନ ସରକାର ସୀମାନ୍ତ ଅଂଚଳରେ ଭିତିଭୂମି ବିକାଶରେ ଲାଗିଛି, ପୂର୍ବବର୍ତୀ ସରକାରଙ୍କ ଭଳି କାମ କରୁ ନାହିଁ । ବର୍ତମାନ ସରକାର ଚୀନର ମୁକାବିଲା କରୁଛି । ଡୋକଲାମ ଠାରୁ ଆରମ୍ଭ କରି ଗଲୱାନ ଓ ବର୍ତମାନ ଯାଏ ବର୍ତମାନ ସରକାର ଚୀନର ଜବାବ ତାରି ଭାଷାରେ ଦେଉଛି । ବିରୋଧୀ ଦଳ ଭାବେ ରାହୁଲ ଗାନ୍ଧୀ ସରକାରଙ୍କୁ ବିରୋଧ କରିବା ଆବଶ୍ୟକ ଏଥିରେ ଦ୍ୱିମତ ହେବାର ନାହିଁ । ବିରୋଧ ପାଇଁ ଅନେକ ପ୍ରସଙ୍ଗ ରହିଛି । ହେଲେ ଚୀନ ମାମଲାରେ ରାହୁଲ ଗାନ୍ଧୀଙ୍କୁ ପରିପକ୍ୱତା ଦେଖାଇବା ଉଚିତ ଓ 'ଭାରତ ଏକଜୁଟ ଅଛି' ଭଳି ବାର୍ତା ଦେବା ଉଚିତ । ଚୀନକୁ ସହାୟତା କରିବା ଭଳି କୌଣସି ବକ୍ତବ୍ୟ ଦେବା ଠିକ ନୁହେଁ ବୋଲି ମନେ ହୁଏ ।

## ଶଙ୍ଖାକୃତି ଶ୍ରୀସେତୁ : ପଦ୍ମ ଘୁଂଚି ଘୁଂଚି ଯାଉଛି

ପୁରୀ, ୨୧/୦୮ (ନି.ପ୍ର): ପୁରୀ ହେବ ବିଶ୍ୱସ୍ତରୀୟ ସହର । ଚକାଚକ ହେବ ରାସ୍ତାଘାଟ । ରଙ୍ଗୀନ ଆଲୋକରେ ଝଲସିବ ଶ୍ରୀକ୍ଷେତ୍ର । ସମୁଦ୍ରକୂଳ ହେବ ପର୍ଯ୍ୟଟକଙ୍କ ଭୂସ୍ୱର୍ଗ । ସମୁଦ୍ରକୂଳେ ହେବ ବିମାନବନ୍ଦର । ଏମିତ ଅନେକ ସ୍ୱପ୍ନ ଭିତରେ ଟମ୍ପ୍ରେଡ଼ ବ୍ରିଜ୍ ବା ଶ୍ରୀସେତୁ କାମ । ଯୋରସୋରରେ ଆଗେଇ ଚାଲିଛି । ଡ଼ିସେମ୍ବର ସୁଦ୍ଧା କାର୍ଯ୍ୟ ସରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ ତାହା ଶେଷ ହୋଇ ପାରିବନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହୁଛନ୍ତି । ଅନ୍ୟପକ୍ଷରେ ଓବିସିସି ଏହି କାମ ତରବରିଆ ଭାବରେ ଜଗନ୍ନାଥ ପଛ ପଟରେ ଥିବା ନିତିଆଣି ଜଳାଶୟକୁ ପୋତି ବଡ଼ ବଡ଼ ଖୁଂଟ ନିର୍ମାଣ କରୁଥିବାରୁ ତାହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା କେବଳ ଓଭରବ୍ରିଜ୍ ପରି ଜଗନ୍ନାଥ ବଲ୍ଲଭରୁ ମଙ୍ଗଳାଗାଟ ବାଇପାସ ରୋଡ଼ ସଂଯୋଗ ପର୍ଯ୍ୟନ୍ତ ବ୍ରିଜ୍ ନିର୍ମାଣ କରାଯାଇ ପରେ ଡ଼ାଉନ ରାସ୍ତା ନିର୍ମାଣ କରାଯାଇଛି । ଏହି ବ୍ରିଜ୍‌ଟି ପ୍ରଚାରମତ୍ୱେ ମହୁଲି ଆକୃତିର ହେବା ପାଇଁ କୁହାଯାଇଥିଲେ ମଧ ଏହା ଦୂରରୁ ଶଙ୍ଖାକୃତି ପରି ଦେଖାଯାଉଛି ବୋଲି ସ୍ଥାନୀୟ ବାସିନ୍ଦା କହୁଛନ୍ତି । ବ୍ରିଜ୍ ଛାତ ତଳ ବିମ୍ ଗୁଡ଼ିକ ଅନେକ ସ୍ଥାନରେ ଅଙ୍କାବଙ୍କା ହୋଇଥିବା ବେଳେ କେତେପ ସ୍ଥାନରେ ଲୁହାଛଡ଼ ଦେଖାଯାଉଛି । ସ୍ଥାନୀୟ ଜନତା କହୁଛନ୍ତି ପୁରୀ ବ୍ରିଜ୍‌ରେ ଟାଟା ଲୁହା ରଡ଼ ବଦଳରେ ଲୋକାଲ ଲୁହାରଡ଼ ବ୍ୟବହାର ହୋଇଛି । ଯାହ ଲୁଣି ହାୱା ଯୋଗୁଁ ନଷ୍ଟ ହେବାର ସମ୍ଭାବନା ରହିଛି । ବ୍ରିଜ୍ ର ମାଟି ରାସ୍ତା ଦୁଇ ପାର୍ଶ୍ୱରେ ଦିଆଯାଇଥିବା ଜାଲି ନିମ୍ନମାନର ହେଇଥିବାରୁ ପଥର ଓ ମାଟି ଠିକ୍ ଭାବରେ ଜୟଂଟ ହୋଇ ରହିବା କଷ୍ଟସାଧ ହୋଇପଡ଼ିବ ବୋଲି ବୟୋଜ୍ୟଷ୍ଠ ବ୍ୟକ୍ତିମାନେ କହିଛନ୍ତି । ବ୍ରିଜ୍ ଛାତ ତଳ ବିମ୍ ଗୁଡ଼ିକ ଅନେକ ସ୍ଥାନରେ ବଙ୍କା ଡ଼ଙ୍କା ରହିଥିବା ଦେଖିବାକୁ ମିଳିଛି । ବ୍ରିଜ୍‌ର ଟିକିଏ ଦୂରରେ ଛତା ପରି କରାଯାଇଥିବା ଲୁହାବିମ୍ ଉପରେ କିପରି ସୁରକ୍ଷିତ ଭାବେ ଯାନ ଯାଇପାରିବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଜଗନ୍ନାଥ ବଲ୍ଲଭରେ ଏତେ ସଂଖ୍ୟକ ଗାଡ଼ି ପାର୍କିଂ ହୋଇନପାରିଲେ ଗାଡ଼ି କେଉଁପଟେ ଫେରିବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଛଡ଼,ଗୋଡ଼ି,ବାଲି ସିମେଂଟ ନିମ୍ନମାନର ହୋଇଥିବାରୁ ଲୁଣି ହାୱାରେ ତାହାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭୁବନେଶ୍ୱରରେ...

ସେଥିମଧ୍ୟରୁ ପ୍ରାୟ ୧୫ ଜଣ ଆଡ୍‌ମିଶନ୍ ହେଉଛନ୍ତି। ଏବେ ବେଡ୍‌ରେ ୬୨ ଜଣ ରୋଗୀ ଅଛନ୍ତି। ସ୍ୱତନ୍ତ୍ର ବେଡ୍ ନଥିବାରୁ ଫୋଲ୍ଡିଂ ଖଟ କିଣାଯାଇ ତଥା ବନ୍ଦ ଥିବା କ୍ୟାଥୋଲ୍ୟାବ ରୁମକୁ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ଲାଗି ବ୍ୟବହାର କରାଯାଉଛି । ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ଥିବା ସମସ୍ତ ୪ଟି ଯାକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ଡେଙ୍ଗୁ ୱାର୍ଡ ଖୋଲିବାକୁ ନିଷ୍ପତ୍ତି ନେଇଛି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ଏହି ସିଏଚସି ଗୁଡ଼ିକରେ ୧୦ଟି ଲେଖାଏଁ ବେଡ୍ ଡେଙ୍ଗୁ ରୋଗୀଙ୍କ ପାଇଁ ରହିବ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜଧାନୀରେ ଡେଙ୍ଗୁ ରୋଗଙ୍କ ସଂଖ୍ୟା ବଢୁଥିବାରୁ ସମସ୍ତେ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲଡ୍ ବ୍ୟାଙ୍କରେ ରକ୍ତ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡେଙ୍ଗୁ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ସ୍ୱତନ୍ତ୍ର ବ୍ୟବସ୍ଥା କରିବ। ଡେଙ୍ଗୁ ମୃତ୍ୟୁ ହାର ଶୂନ ରହିଛି ବୋଲି କହିଛି ସ୍ୱାସ୍ଥ୍ୟ ବିଭାଗ। ସବୁ ଜିଲ୍ଲାରେ ବିଶେଷଜ୍ଞ କମିଟି ରହିଛି। ବିଶେଷଜ୍ଞ କମିଟି ଯାଞ୍ଚ କରି ତଥ୍ୟ ଦେବା ପରେ ଡେଙ୍ଗୁ ମୃତ୍ୟୁ ଜଣାଯାଏ। ଏବେ ସୁଦ୍ଧା ଡେଙ୍ଗୁ ମୃତ୍ୟୁ ତଥ୍ୟ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ କେବଳ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ୧୦୫୯ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ହଟସ୍ପଟ ପାଲଟିଛି ନୟାପଲ୍ଲୀ, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ୟୁନିଟ-୯ ଓ ସହିଦ ନଗର ଅଞ୍ଚଳ। ନୟାପଲ୍ଲୀ ଅଞ୍ଚଳରୁ ସର୍ବାଧିକ ୧୦୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏହାପଛକୁ ଆଚାର୍ଯ୍ୟ ବିହାରରୁ ୯୯, ଜୟଦେବ ବିହାରରୁ ୬୪, ୟୁନିଟ -୯ରୁ ୫୬ ଓ ସହିଦ ନଗର ଅଞ୍ଚଳରୁ ୫୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଲେଣି।

### ୮ ବର୍ଷ ହେବ ଫେରାର....

ନିକଟରେ ସେ ଆସାମରୁ ଦିଲ୍ଲୀକୁ ଫେରିଥିଲେ । ଦୀର୍ଘ ୮ ବର୍ଷ ହେବ ଫେରାର ଥିବା ବେଳେ ଶେଷରେ ଦିଲ୍ଲୀରୁ ତାଙ୍କୁ ଗିରଫ କରାଯାଇଛି । କିଛି ଦିନ ପୂର୍ବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଓଡ଼ିଶାର ଭିଜିଲାନ୍ସ ଟିମ୍ ଦିଲ୍ଲୀ ଯାଇଥିଲା। ସେଠାରେ ସେମାନେ ରମେଶଙ୍କୁ ବାନ୍ଧିଥିବା ବେଳେ ସେଠାକାର କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ଓଡ଼ିଶା ଅଣାଯାଉଛି। ଓଡ଼ିଶାରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ରିମାଣ୍ଡରେ ନେଇ ପଚରାଉଚରା କରିପାରେ ଭିଜିଲାନ୍ସ। ଏପରିକି ସେ ଦୁର୍ନୀତି ଉପାୟରେ ଅର୍ଜନ କରିଥିବା ଧନ କେଉଁଠି ଲୁଚାଇ ରଖିଛନ୍ତି ସେ ନେଇ ଖୋଳତାଡ଼ ହେବ ବୋଲି ସୂଚନା ମିଳିଛି।

### ଇସ୍ରୋରୁ ଆସିଲା ଖୁସି ....

ବା ଗତିରୋଧକ ଖଂଜା ଯାଇଛି । ଯାହା ଲ୍ୟାଣ୍ଡ କରିବା ସମୟରେ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ବିରୋଧରେ କାମ କରିବ ଏବଂ ଲ୍ୟାଣ୍ଡରକୁ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସହାୟକ ହେବ । ଲ୍ୟାଣ୍ଡର ଅବତରଣ କରିବା ପରେ ସେଥିରୁ ପ୍ରଜ୍ଞାନ ରୋଭର ବାହାରି ଯାଇ ଚନ୍ଦ୍ରପୃଷ୍ଠର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ସୂଚନା ପଠାଇବ। ଏହା ୧୪ ଦିନ ପର୍ଯ୍ୟନ୍ତ କାମ କରିବ । ଏପଟେ ପ୍ରପଲସନ ମଡ୍ୟୁଲ ବର୍ଷ ବର୍ଷ ଧରି ସୌରମଣ୍ଡଳ ବାହାରେ ଥିବା ଗ୍ରହ ସମ୍ପର୍କରେ ତଥ୍ୟ ପଠାଇବ । ଯାହାକୁ ଆଧାର କରି ସେଠାକାର ସ୍ଥିତି ବସବାସ ଉପଯୁକ୍ତ କି ନୁହେଁ ବୈଜ୍ଞାନିକମାନେ ଗବେଷଣା କରିବେ ।

### ୨୦୨୪ ପାଇଁ କଂଗ୍ରେସର....

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ନୂଆ ସିଡବ୍ଲୁସିରେ ୩୯ଜଣ ନୂଆ ମୁହଁଙ୍କୁ ସାମିଲ କରାଇଛନ୍ତି । ସବୁଠୁ ବଡ କଥା ହେଉଛି ପୂର୍ବରୁ ଦଳର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଥିବା ଜି ୨୩ର କିଛି ମଜବୁତ ନେତାଙ୍କୁ ମଧ କମିଟିରେ ସ୍ଥାନ ଦିଆଯାଇଛି । ଚର୍ଚ୍ଚିତ ଚେହେରା ଆନନ୍ଦ ଶର୍ମା, ମନିଷ ତିୱାରୀ, ଶଶି ଥରୁର ଓ ସଚିନ ପାଇଲଟଙ୍କୁ ମିଳିଛି ସ୍ଥାନ । ରବିବାର କଂଗ୍ରେସ କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି । ଯେଉଁଥିରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମନମୋହନ ସିଂହ, ଶଶୀ ଥରୁର ଓ ସଚିନ୍ ପାଇଲଟ୍‌ଙ୍କ ସହ ୩୯ ଜଣ ବରିଷ୍ଠ କଂଗ୍ରେସ ନେତା ସ୍ଥାନ ପାଇଛନ୍ତି । ସିଡବ୍ଲୁସିରେ ମୋଟ୍ ୮୪ ଜଣଙ୍କ ନାଁ ରହିଛି । ଏଥିରେ ୩୯ ସିଡବ୍ଲୁସି ସଦସ୍ୟ, ୧୮ ସ୍ଥାୟୀ ଆମନ୍ତ୍ରିତ ସଦସ୍ୟ, ୯ଜଣ ବିଶେଷ ଆମନ୍ତ୍ରିତ ସଦସ୍ୟ ଏବଂ ୧୪ଜଣ ପ୍ରଭାରୀଙ୍କ ନାଁ ରହିଛି । ଏହା ବ୍ୟତିତ ଦଳର ଅନ୍ୟ ଛାମୁଆ ସଂଗଠନ ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଏନଏସୟୁଆଇ, ସେବା ଦଳରୁ ମଧ ୧୮ଜଣ ନେତାଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ସ୍ଥାନ ମିଳିଛି । ନିକଟରେ ଦଳର କିଛି ରାଜ୍ୟର ମୁଖିଆଙ୍କୁ ବଦଳାଇବାର କିଛି ଦିନ ପରେ ସିଡବ୍ଲୁସିରେ ବଡ ପରିବର୍ତନ କରିଛନ୍ତି । ତେବେ ଥରୁର ଓ ପାଇଲଟଙ୍କୁ ସ୍ଥାନ ଦିଆଯିବା ପରେ ଦଳରେ କନ୍ଦଳ କମିଥିବା ଚର୍ଚ୍ଚା ହେଉଛି । କିଛି ଦିନ ପୂର୍ବରୁ ରାୟପୁରରେ ବସିଥିଲା କଂଗ୍ରେସର ଜାତୀୟ ଅଧିବେଶନ । ଦଳୀୟ ଅଧ୍ୟକ୍ଷଭାବେ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନାଁ ଘୋଷଣା କରାଯିବା ସହ ସେ ହିଁ ସିଡବ୍ଲୁସିର ନୂଆ ସଦସ୍ୟଙ୍କ ନାଁ ଉପରେ ମୋହର ମାରିବେ ବୋଲି କୁହାଯାଇଥିଲା ।ପରବର୍ତୀ ସମୟରେ ସେଭଳି କିଛି ଦେଖିବାକୁ ମିଳିନଥିଲା । ତେବେ ୨୦୨୪ ନିର୍ବାଚନ ପୂର୍ବରୁ ଦଳ ନୂଆ କମିଟି ଘୋଷଣା କରିବା ସହ ନିର୍ବାଚନ ପ୍ରସ୍ତୁତିକୁ ତ୍ୱରାନିତ୍ୱ କରିବାକୁ ପଦକ୍ଷେପ ନେଇଛି ।

## କଖାରୁଫାଳ ଦୁର୍ଘଟଣାରେ ଗୁରୁତର ଆହତ ପୋଲିସ ହୋମଗାର୍ଡ ଓ ହାବିଲଦାରଙ୍କ ମୃତ୍ୟୁ

ବୌଦ୍ଧ, ୨୧/୦୮ (ନି.ପ୍ର): ୫୭ ନମ୍ବର ଜାତୀୟ ରାଜପଥର କଖାରୁଫାଳ ଗ୍ରାମ ନିକଟରେ ହୋଇଥିବା ସଡକ ଦୁର୍ଘଟଣାରେ ଗୁରୁତର ଆହତ ପୋଲିସ ହୋମଗାର୍ଡ ଓ ହାବିଲଦାରଙ୍କ ମୃତ୍ୟୁ ହୋଇଛି ଫ ଗୁରୁତର ଆହତ ପୋଲିସ ହାବିଲଦାର ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ଗତ ରାତିରେ ବୌଦ୍ଧ ମେଡିକାଲରେ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ପୋଲିସ ହୋମଗାର୍ଡ ଟୁକୁନା ବେହେରାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗତକାଲି ରାତିରେ କଟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳୁ ପୋଲିସ ହୋମଗାର୍ଡ ଟୁକୁନା ବେହେରାଙ୍କ ମୃତ୍ୟୁ ହୋଇଛି । ବୌଦ୍ଧ ଜିଲା ଆଡେଣିଗଡ ଫାଣ୍ଡି କଖାରୁଫାଳ ନିକଟରେ ଫାଣ୍ଡି ଡ୍ରାଇଭର ଓ ହାବିଲଦାର ବାଇକ୍ ରେ ଯାଉଥିବା ବେଳେ ସାମ୍ନାରୁ ଆସୁଥିବା ଏକ କାର ଧକକା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ଡ୍ରାଇଭର ଟୁକୁନା ବେହେରା ଓ ହାବିଲଦାର ପ୍ରମୋଦ କୁମାର ପାଣିଗ୍ରାହୀଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲରେ ଭର୍ତି କରାଯାଇଥିଲା । ଡ୍ରାଇଭର ଟୁକୁନା ବେହେରା ଓ ହାବିଲଦାର ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ମୃତ୍ୟୁରେ ସମଗ୍ର ପୋଲିସ ବିଭାଗରେ, ବନ୍ଧୁ ପରିଜନରେ ଶୋକର ଛାୟା ଖେଳିଯାଇଛି । କଖାରୁଫାଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ହାବିଲଦାର ପ୍ରମୋଦ କୁମାର ପାଣିଗ୍ରାହୀଙ୍କୁ ବଲାସିଂଗା ପୋଲିସ ରିଜର୍ଭ କାର୍ଯ୍ୟାଳୟ ଠାରେ ପୋଲିସ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଆଜି ତାଙ୍କ ମରଶରୀରକୁ ବଲାସିଂଗା ସ୍ଥିତ ପୋଲିସ ରିଜର୍ଭ କାର୍ଯ୍ୟାଳୟକକୁ ନିଆଯାଇଥିଲା । ସେଠାରେ ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ଜିଲା ପୋଲିସ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏସ୍ପି କପିଳେଶ୍ୱର ବେହେରା, ବୌଦ୍ଧ ଥାନା ଅଧିକାରୀ ଶରଦା ପ୍ରସନ୍ନ ଦାଶ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି , ପୋଲିସ କନେଷ୍ଟେବଲ ଓ ହାବିଲଦାର ସଂଘର କର୍ମକର୍ତା ଙ୍କ ସମତେ ଅନ୍ୟ ଅଧିକାରୀ ଓ କର୍ମଚାରୀ ଶେଷ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ସନ୍ଧ୍ୟାରେ ହାବିଲଦାର ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ନିଜ ଗ୍ରାମ ଛତ୍ରାଙ୍ଗ ଠାରେ ତାଙ୍କ ଶେଷ କୃତ୍ୟ କରାଯାଇଅଛି ।

## ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ହରିୟାଲି ତୀଜ ମହୋତ୍ସବ ସମ୍ପନ୍ନ

ସମ୍ବଲପୁର, ୨୧/୦୮ (ନି.ପ୍ର):ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରା ଠାରେ ମାରୱାଡ଼ି ମହିଳା ସମିତି ଓ ଅଗ୍ରୱାଲ ମହିଳା ସମିତି ଆନୁକୁଲ୍ୟରେ ମାରୱାଡ଼ି ମହିଳା ସମିତି ର ବରିଷ୍ଠ ସଦସ୍ୟା ତ୍ରିବେଣୀ ଅଗ୍ରୱାଲ ଙ୍କ ବାସ ସ୍ଥାନରେ ହରୀୟାଲି ତୀଜ୍ ସମାରୋହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ରେମ୍ପ ୱାକ,ଖେଳ କୁଦ,ନାଚ ଗୀତ ସହ ସମ୍ପନ୍ନ ହୋଇ ଯାଇଛି ।ମହିଳା ମାନଙ୍କ ମଧ୍ୟରେ ଗ୍ରୁପ ଗେମ୍ ର ଆୟୋଜନ କରାଯାଇଥିଲା। ବରିଷ୍ଠ ସଦସ୍ୟା ଗୁଲାବ ଖଣ୍ଡେଲୱାଲ ଏହି ଗେମ୍ ସଞ୍ଚାଳନ କରିଥିଲେ। ସବୁ ବୟସ ବର୍ଗର ମହିଳା ମାନଙ୍କ ଦ୍ୱାରା ରେମ୍ପ୍ ୱାକ ବେଶ୍ ଆକର୍ଷଣ ର କେନ୍ଦ୍ର ପାଲଟିଥିଲା ।ଆସି ଅଗ୍ରୱାଲ କେକ୍ ପେଷ୍ଟ୍ରି,ରେଖା ଖଣ୍ଡେଲୱାଲ କାଞ୍ଜି ବଡା, ଦିବ୍ୟା ଏବଂ ଖୁସବୁ ବିନ୍ଦଲ ଢ଼ୋକଲା,ଗୁଜିଆ ଏବଂ ଭେଜ କୁରକୁରେ,କମଳା ବିନ୍ଦଲ ଗୁପଚୁପ୍, ପାପଡ଼ି ଚାଟ ଏବଂ ଝାଲ ମୁଢ଼ି ଷ୍ଟଲ ଲଗାଇ ଥିଲେ।ନାଚ ଗୀତ ସହ ମହିଳା ମାନେ ପାରମ୍ପରିକ ଗୀତ ସହ ଝୁମି ଥିଲେ। ସେଲଫି ପଏଣ୍ଟରେ ଫୋଟୋ ଉତ୍ତୋଳନ କରିଥିଲେ ମହିଳା ମାନେ ।ମହିଳା ମାନେ ସ୍ୱାଦିଷ୍ଟ ବ୍ୟଞ୍ଜନ ର ମଜା ନେଇ ଥିଲେ ।ମାରୱାଡ଼ି ମହିଳା ସମିତି ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଲାଠ,ଅଗ୍ରୱାଲ ମହିଳା ସମୀତି ଅଧ୍ୟକ୍ଷା ସପ୍ନା ଲାଠ, କୋଷାଧ୍ୟକ୍ଷ ରେଖା ଜୈନ, ସଦସ୍ୟା ପାୟଲ ଅଗ୍ରୱାଲ, ମୀନା ଅଗ୍ରୱାଲ ଏବଂ ଅନ୍ୟ ସଦସ୍ୟା ମାନେ ଆୟୋଜନରେ ସହଯୋଗ କରିଥିଲେ। ସମାରୋହରେ ବାମରା ଅଂଚଳର ବହୁ ସଂଖ୍ୟାରେ ମା ଭଉଣୀ ମାନେ ସାମିଲ ହୋଇଥିଲେ ଓ କାର୍ଯ୍ୟକ୍ରମ ଉପଭୋଗ କରି ବେଶ୍ ଖୁସି ହୋଇଥିଲେ ।

## ଦେବକୁଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଦିଆଯିବ ନାହିଁ : ଦୁର୍ଗା ଟୁଡୁ

ଉଦଳା , ୨୧/୦୮ (ନି.ପ୍ର): 'ଦେବକୁଣ୍ଡ' ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସମଗ୍ର ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ପ୍ରଭୃତି ରାଜ୍ୟରୁ ନିୟମିତ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ଏବେ ପୁଣି ଏହି ଦେବକୁଣ୍ଡକୁ ଅଧିକ ଆକର୍ଷଣିୟ କରିବା ସହିତ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହାର ବିକାଶ କରିବା ସକାଶେ ଉଦ୍ୟମ ଆରମ୍ଭ ହୋଇଛି । ବିଶେଷ କରି ଫାଇବ-ଟି ସଚିବ ସମ୍ମାନୀୟ ପାଣ୍ଡିଆନଙ୍କର ଉଦଳାଗସ୍ତ ପରେ ଏହା ସାଧାରଣରେ ଚର୍ଚ୍ଚା ଯୋର ଧରିଛି । ଦେବକୁଣ୍ଡର ବିକାଶ ପାଇଁ ଯେଉଁ ବ୍ଲୁ ପ୍ରିଂଟ ପ୍ରସ୍ତୁତ ହୋଇଛି ଏଥିରେ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବାର ବାସ୍ନା ସ୍ପଷ୍ଟ ବାରି ହୋଇ ପଡୁଛି । ତେଣୁ ଏହାକୁ ସ୍ଥାନୀୟ ଅଂଚଳର କିଛି ଯୁବକ ବିରୋଧ କରିଛନ୍ତି । ଏହି ବିରୋଧକୁ ସମର୍ଥନ ଜଣାଇ କଂଗ୍ରେସ ଦଳର ବରିଷ୍ଠ ନେତା ଦୁର୍ଗା ଟୁଡୁ ମୁହଁ ଖୋଲିଛନ୍ତି । ଦେବକୁଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଆଦୌ ଦିଆଯିବ ନାହିଁ ବୋଲି ଦୁର୍ଗା ଟୁଡୁ ରୋକ ଠୋକ୍ ଘୋଷଣା କରିଛନ୍ତି । ସେ ଆହୁରି ମଧ କହିଛନ୍ତି, ଯଦି ଟଙ୍କା ଖର୍ଚ୍ଚ କରି ପାଣ୍ଡିଆନ ଆଉ ଗୋଟିଏ ଦେବକୁଣ୍ଡ ତିଆରି କରିବାକୁ ଚାହୁଁଛନ୍ତି ତେବେ ଅନ୍ୟତ୍ର ଆଉଗୋଟିଏ ଦେବକୁଣ୍ଡ ବନାନ୍ତୁ ଏଥିରେ ଆମର କୌଣସି ଅଭିଯୋଗ ନାହିଁ। କିନ୍ତୁ ପ୍ରକୃତି ଦ୍ୱାରା ନିର୍ମିତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର 'ଦେବକୁଣ୍ଡ'କୁ ନଷ୍ଟ କରିବାର ଉଦ୍ୟମରୁ ଓହରି ଯାଆନ୍ତୁ ବୋଲି ଦୁର୍ଗା ଟୁଡୁ କହିଛନ୍ତି । ଶ୍ରୀଯୁକ୍ତ ଟୁଡୁଙ୍କର ଏପରି ମନ୍ତବ୍ୟକୁ ବିଭିନ୍ନ ମହଲରେ ସମର୍ଥନ ମିଳିଥିବାର ଜଣାଯାଇଛି । ତାଛଡ଼ା ଦେବକୁଣ୍ଡ ଏକ 'ଶକ୍ତିପୀଠ' । ଏଠାକୁ ଶ୍ରଦ୍ଧାଳୁ ମାନେ ମା' ଅମ୍ବିକାଙ୍କ ଦର୍ଶନ ଓ ପୂଜା ପାଠ କରିବା ଉଦ୍ଦେଶ୍ୟରେ ଆସିଥାନ୍ତି । ପର୍ଯ୍ୟଟନସ୍ଥଳୀ ଭାବରେ ଏହାର ବିକାଶ ଘଟାଇଲେ ଏଠାକାର ଅଧ୍ୟାତ୍ମିକ ବାତାବରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଶ୍ରୀଯୁକ୍ତ ଟୁଡୁ ଯୁକ୍ତି ବାଢ଼ିଛନ୍ତି ।

**AFFIDAVIT**

An affidavit before the executive Magistrate Balasore, I, Sri Fagu Marandi S/o Dangua Marandi, At-Basuchakurai, Po.-Dhobachakurai, Via.-Basta, Dist.-Balasore. Declare that my in Aadhar Card vide no - 881343406362 my name has mentioned Fagu Marandi but in my Policy LIC India ltd. vide policy No-585069718 my name is mentioned as Bhanda Marandi. So both Fagu Marandi and Bhanda Marandi is same and one person. Henceforth I will be known as Fagu Marandi in all purpose.

**Fagu Marandi**

## ବିଶିଷ୍ଟ ସାହିତ୍ୟିକ, ଗବେଷକ ଡକ୍ଟର କୃଷ୍ଣ ଚନ୍ଦ୍ର ନାୟକଙ୍କ ପରଲୋକ

ଚମ୍ପୁଆ, ୨୧/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାଲି ପଂଚାୟତ ଅନ୍ତର୍ଗତ ଜାଲି ଗ୍ରାମର ବିଶିଷ୍ଟ ସାହିତ୍ୟିକ, ଗବେଷକ ଡ଼କ୍ଟର କୃଷ୍ଣଚନ୍ଦ୍ର ନାୟକ (୭୧)ଙ୍କ ସୋମବାର ଭୋର ୩. ୩୦ମି. ସମୟରେ କଟକ ସନ ଘୋରୋଇ ହସପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ପରଲୋକ ହୋଇଯାଇଛି । ସେ କିଛି ମାସ ହେବ ଅସୁସ୍ଥତା ହେତୁ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ଗ୍ରାମ ଜାଲି ସମେତ କେନ୍ଦୁଝରଗଡ଼ ସାହିତ୍ୟ ସଂସ୍କୃତି ମହଲ ରେ ଗଭୀର ଶୋକର ଲହରୀ ଖେଳିଯାଇଛି । ସେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ରୁ ଓଡ଼ିଆ ବିଭାଗରୁ ଅବସର ନେବାପରେ ଉତ୍ତର ଓଡିଶା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟ ର ସିଣ୍ଡିକେଟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ, ପରୋପକାରୀ, ଧର୍ମ ପରାୟଣ ବ୍ୟକ୍ତି ଭାବେ ସବୁରି ପ୍ରିୟ ଥିଲେ । କେନ୍ଦୁଝର ର ଲୋକ ନାଟକ, କେନ୍ଦୁଝର ଦର୍ଶନ କଥା ଓ କାହାଣୀ ଇତ୍ୟାଦି ପୁସ୍ତକ ଗ୍ରନ୍ଥ ର ସେ ରଚୟିତା । ଜାଲି ଗ୍ରାମ ମ୍ରେମେଦା ନଈକୂଳ ରେ ତାଙ୍କ ନିଜ ଜମିରେ ମୃତ ହାତୀ ଛୁଆର ସ୍ମୃତିରେ ହାତୀ ମିନାର ଓ ମା '' ତାରା ତାରିଣୀ ମନ୍ଦିର ପ୍ରତିଷ୍ଠା କରି ପରିବେଶ ସଚେତନତା ପାଇଁ କାର୍ଯ୍ୟ କରି ଚାଲି ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ଡ଼କ୍ଟର ଯଯାତି ନାୟକ, ବୋହୁ ସ୍ୱୟଂପ୍ରଭା ନାୟକ, ଝିଅ ପ୍ରଜ୍ଞାପାରମିତା, ଅପରାଜିତା ପ୍ରିୟଦର୍ଶନୀ, ବିଚିସ୍ମିତା, ଜ୍ୱାଇଁ ଲକ୍ଷ୍ମୀଧର ନାୟକ, କ୍ଷୀରୋଦ ଚନ୍ଦ୍ର, ତପନ କୁମାର ଓ ଭଉଣୀ ସୁଷମା ନାୟକ ଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗ ଦ୍ୱାର ଠାରେ ତାଙ୍କ ଦାହ ସଂସ୍କାର କରାଯାଇଥିଲା । ପୁତ୍ର ଯଯାତି ନାୟକ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଭଣ୍ଡା, ସଂଜୀବନୀ ସାହିତ୍ୟ ସଂସଦ ର ସମ୍ପାଦକ ଡମ୍ବରୁ ମହାନ୍ତ, ବିଶିଷ୍ଟ ଫୁଟବଲ କୋଚ, ସଂଗଠକ ବୀରେନ୍ଦ୍ର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାୟକ, ଲେଖକ, ସଂଗଠକ କୈଳାସ ଚନ୍ଦ୍ର ତନ୍ତୀ, କେନ୍ଦୁଝର ଖବର ସମ୍ପାଦକ ଦେବୀଶଙ୍କର ଦାଶ, ସାମ୍ବାଦିକ ତ୍ରିନାଥ ମହାନ୍ତ, ମିଳନୀ ସାହିତ୍ୟ ସଂସଦ, କେନ୍ଦୁଝର ର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ସମ୍ପାଦକ ଡ଼କ୍ଟର ଚିତ୍ତ ମିଶ୍ର ଗଭୀର ଶୋକ ପ୍ରକାଶ କରି ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଶ୍ରଦ୍ଧାଞ୍ଜଳି ଜଣାଇଥିବା ଜଣାଯାଇଛି ।

**AFFIDAVIT**


An affidavit before the executive Magistrate and Tahasildar Basta, Balasore, I, Sri Gadadhar Behera, aged about 45 year, S/o Brundaban Behera, Village-Baincha, Po.-Kushadiha, Ps.- Basta, Dist.-Balasore. Declare that my in Aadhar Card vide no - 310359473477 my name has mentioned Gadadhar Behera but in my Policy LIC India ltd. vide policy No-585982827 and DL Vide No-ORo1-19960002868 my name is mentioned as Gagan Behera. So both Gadadhar Behera and Gagan Behera is same and one person. Henceforth I will be known as Gadadhara Behera in all purpose.

**Gadadhara Behera**

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ପୁରୀ, ୨୧/୦୮ (ନି.ପ୍ର): ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଘଆଖେଡା ମଠ ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ନାଗରିକ ମଞ୍ଚର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ କ୍ଷ ପରିବାରର ମୂଳଦୁଆ ହେଉଛନ୍ତି ବରିଷ୍ଠ ନାଗରିକ । ତାଙ୍କର ଜୀବନ ଓ ଅଭିଜ୍ଞତାକୁ ନେଇ ବହୁ କିଛି ଶିଖିବାର ଆବଶ୍ୟକ ରହିଛି କ୍ଷ ସେମାନଙ୍କ ସ୍ନେହ, ଭଲପାଇବା, ଆଶୀର୍ବାଦ, ଅମୁଲ୍ୟ ଓ ନିସ୍ୱାର୍ଥପର ହୋଇଥାଏ । ଆଜିର ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ବରିଷ୍ଠ ନାଗରିକ ମାନଙ୍କର ବହୁବିଧ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଦେଶର ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚିତ ଯେ ବରିଷ୍ଠ ନାଗରିକଙ୍କ ସେବା କରିବା ସହିତ ସେମାନଙ୍କ ଉପଲବ୍ଧି, ପରିବାର ଓ ଦେଶ ପ୍ରତି ସମର୍ପଣ ଭାବ ପାଇଁ ବରିଷ୍ଠ ନାଗରିକଙ୍କୁ ପ୍ରଶଂସା କରିବା ନିମନ୍ତେ ଯୁବପିଢ଼ି ଆଗେଇ ଆସିବା ଦରକାର ବୋଲି ଆଲୋଚନା ହୋଇଥିଲା । ଉତ୍ସବ ଅବସରରେ ଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡାକ୍ତର କାମଦେବ ଦାସ, ଡକ୍ଟର ଶରତ କୁମାର ସାହୁ, ଅବସର ପ୍ରାପ୍ତ ଅତିରିକ୍ତ ଏସପି ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ବରିଷ୍ଠ ନାଗରିକ ଦିବସର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ମଞ୍ଚର ସମ୍ପାଦକ ଦେବେନ ଦାସ । କାର୍ଯ୍ୟକ୍ରମରେ ଶଙ୍କର ବାରିକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବଟକୃଷ୍ଣ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ଅରୁଣ କୁମାର ମହାନ୍ତି, କର୍ଣ୍ଣ ପ୍ରଧାନ, କୃଷ୍ଣ ଚାରଣ ମହାନ୍ତି, ତ୍ରିବିକ୍ରମ ମିଶ୍ର, ସୁରେନ୍ଦ୍ର ସାମନ୍ତରାୟ, କୃପାସିନ୍ଧୁ ରାଉତରାୟ, ସତ୍ୟନାରାୟଣ ମିଶ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶିଷ୍ଟ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ବନମାଳୀ ଦାସଙ୍କ ୧୦୬ତମ ଜନ୍ମଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି




ନୀଳଗିରି , ୨୧/୦୮ (ନି.ପ୍ର): ନୀଳଗିରି ମାଟିର ସଂଗ୍ରାମୀ ବରପୁତ୍ର ତଥା ବିଶିଷ୍ଟ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ବନମାଳୀ ଦାସଙ୍କ ୧୦୬ତମ ଜନ୍ମବାର୍ଷିକୀ ଆସନ୍ତା ଅଗଷ୍ଟ ୨୯ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ। କମ୍ରେଡ ବନମାଳୀ ଦାସ ସ୍ମୃତିକମିଟି ଆନୁକୁଲ୍ୟରେ ଅନୁଷ୍ଠିତ ଜନ୍ମଜୟନ୍ତୀ ପାଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ସିପିଆଇ ଏମ ନେତା ତଥା ସ୍ତମ୍ଭକାର ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ପ୍ରମୁଖ ଉପସ୍ଥିତ ରହି 'ନୀଳଗିରି ପ୍ରଜା ଆନ୍ଦୋଳନ ଓ ଆଜିର ଦେଶର ଅବସ୍ଥା'ଆଲୋଚନା ଚକ୍ରରେ ନିଜର ଅଭିବ୍ୟକ୍ତି ରଖିବେ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ କମିଟି ଅଧ୍ୟକ୍ଷ ପୂର୍ବତନ ବିଧାୟକ ତଥା ସିପିଏମ ନେତା ପ୍ରଦୀପ୍ତ ପଣ୍ଡା, ସମ୍ପାଦକ ବିଜୟ ପାତ୍ର, ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ ପ୍ରମୁଖ ସୂଚନା ଦେଇଥିଲେ।

# ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ କବିତା ପାଠ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୨୧/୦୮ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ପବିତ୍ର ସ୍ୱାଧୀନତା ଦିବସ ଅବସରରେ କ୍ରାନ୍ତି କବିତା ଓ ଦେଶାତ୍ମକ ବୋଧକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶିକ୍ଷାବିତ ଭାଗିରଥି ପଲେଇ ସଭାପତିତ୍ୱ କରିଥିଲେ। ଆଡ଼ଭୋକେଟ କବି ପ୍ରଦୀପ ମହାନ୍ତି,କବିନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, କବି ଅପର୍ଣ୍ଣା ମହାପାତ୍ର, ସମାଜ ସେବୀ ଭରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ଶାନ୍ତି ଲତା ପଣ୍ଡା, ରଞ୍ଜନ ନାୟକ, ନିରଞ୍ଜନ ସେଠି କବିତା ସଂଯୋଜନା କରିଥିଲେ । କବି ପ୍ରହ୍ଲାଦ ଚନ୍ଦ୍ର ବାରିକ, ମିତାଶ୍ରୀ ମହାନ୍ତି, ତପନ ମିତ୍ର, କୈଳାସ ଚନ୍ଦ୍ର ନାଥ, ଭାଗିରଥି ମହନୀ, ସ୍ୱପ୍ନା ମହାନ୍ତି, ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ । ଅନୁଷ୍ଠାନ ର ସମ୍ପାଦକ ତଥା କବି ଓ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପସଭାପତି ତଥା ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ପ୍ରତିମୂର୍ତ୍ତି ରେ ସମସ୍ତ କବି ଓ ସାହିତ୍ୟିକ ବନ୍ଧୁ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।

# ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ଅସହାୟ ବୃଦ୍ଧବୃଦ୍ଧା
## ବିଧବା ଓ ଅସହାୟଙ୍କ ଦୁଃଖ ବୁଝିଲେ ସାଂସଦ ପ୍ରତାପ



ନୀଳଗିରି , ୨୧/୦୮ (ନି.ପ୍ର): ସରକାର ତ ଯୋଜନା ପରେ ଯୋଜନା ପ୍ରସ୍ତୁତ କରୁଛନ୍ତି ହେଲେ କିଛି ସରକାରୀ ବାବୁଙ୍କ ଅବହେଳା ଓ ନିଜସ୍ୱ ସଚେତନ ଅଭାବରୁ ସେ ସବୁରୁ ବଞ୍ଚିତ ହେଉଛନ୍ତି ଗରିବ ଖଟିଖିଆ ଲୋକମାନେ। ନୀଳଗିରି ବ୍ଲକରେ ଅନେକ ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ମାନେ ଭତ୍ତା ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ଭତ୍ତା ପାଇପାରୁନାହାନ୍ତି । ହେଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏ ସମ୍ପର୍କରେ ଅବଗତ ହେବା ପରେ ଆକ୍ସନ ମୋଡରେ ଆସିଛନ୍ତି ।ସୂଚନା ମୁତାବକ କୌଣସି ଏକ କାର୍ଯ୍ୟରେ ସାଂସଦ ଧୋବଶିଳା ଗ୍ରାମକୁ ଯାଇଥିଲେ ସେଠାରେ ତୁଳସୀ ସିଂ ନାମକ ଜଣେ ବୃଦ୍ଧା ଦୁଃଖ କଷ୍ଟରେ ରହୁଥିବା ଦେଖି ସେ ଭତ୍ତା ଓ ରେସନ ସାମଗ୍ରୀ ପାଉଛନ୍ତି ନା ନାହିଁ ପଚାରିବୁଝିଥିଲେ । ସେ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ଥିବାରୁ କହିବାରୁ ନିଜେ ସାଂସଦ ଶ୍ରୀମତୀ ସିଂଙ୍କୁ ନିଜ ଗାଡିରେ ବସାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କାହିଁକି ବୃଦ୍ଧା ଜଣଙ୍କୁ ଭତ୍ତା ଓ ରେସନ ମିଳୁନାହିଁ ତାହା ବିଡିଓ ରାହୁଲ ମଣ୍ଡଳଙ୍କୁ ପଚାରି ବୁଝିଥିଲେ। ଉକ୍ତ ସମୟରେ ମଧ୍ୟ ଅନେକ ଯୋଗ୍ୟ ହିତାଧିକାରୀ ବିଡିଓଙ୍କ ଅଫିସ ସମ୍ମୁଖରେ ଛିଡା ହୋଇଥିବାର ଦେଖି ବିଡିଓ ଶ୍ରୀ ମଣ୍ଡଳଙ୍କ ସହାୟତାରେ ସମସ୍ତଙ୍କ ସମସ୍ୟା ସମାଧାନ କରିଥିଲେ।

# ଭାରତୀୟ ଜନତା ପାର୍ଟିର ଭୋଟର ସଚେତନତା କର୍ମଶାଳା ଅନୁଷ୍ଠିତ

ନୀଳଗିରି , ୨୧/୦୮ (ନି.ପ୍ର): ନୀଳଗିରି ବିଧାନସଭା ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ସୋମବାର ଅପରାହ୍ନରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୨୦୨୪ନିର୍ବାଚନକୁ ଆଖି ଆଗରେ ରଖି ଉପସ୍ଥିତ କର୍ମୀ ମାନଙ୍କୁ ଭ୍ରଷ୍ଟାଚାର ମୁକ୍ତିପାଇଁ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ଘେରାଉ କରିବା ପାଇଁ ଆହ୍ୱାନ ଦେବା ସହ ୨୦୪୭ମସିହା ସୁଦ୍ଧା ଭାରତକୁ ବିଶ୍ୱରେ ଏକନମ୍ବର୍ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ଆହ୍ୱାନକୁ ସୁଦୃଢ କରିବା ପାଇଁ କର୍ମୀ ମାନଙ୍କୁ ଶପଥ ଗ୍ରହଣ କରିଥିଲେ। ପରେ ପରେ ଭୋଟର ମାନେ କିପରି ନିର୍ଭୁଲ ଭାବେ ଭୋଟଦାନ କରିବେ ତତ୍ ସହିତ ନୂତନ ଭୋଟରମାନେ ସେମାନଙ୍କର ନାମ ସଠିକ୍ ଓ ନିର୍ଭୁଲ ଭାବେ ନାମ ପଞ୍ଜିକରଣ କରିପାରିବେ ସେ ସମ୍ପର୍କରେ କର୍ମୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ମାର୍ଗଦର୍ଶନ ଦିଆଯାଇଥିଲା। ପ୍ରତି ପଞ୍ଚାୟତରେ ୱାର୍ଡ, ବୁଥ ସ୍ତରରେ ପହଞ୍ଚି ଭୋଟର ମାନଙ୍କୁ ସଚେତନ କରାଇବା ପାଇଁ ପ୍ରତ୍ୟେକ କର୍ମୀମାନେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ମହାଅଭିଯାନ କର୍ମଶାଳାରେ ବିଧାୟକଙ୍କ ବ୍ୟତୀତ ଭଦ୍ରକ ଜିଲ୍ଲା ପ୍ରଭାରୀ ଚନ୍ଦ୍ର ଶେଖର ନନ୍ଦ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ବଣସୀମା ମଣ୍ଡଳ ସଭାପତି ଅକ୍ଷୟ ବେହେରା, ସ୍ୱର୍ଣ୍ଣଚୁଡ଼ ମଣ୍ଡଳ ସଭାପତି ତାପସ ମହାନ୍ତି ଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରିଥିଲେ।

# ଇଫକୋ ଲୋକ ସମ୍ପର୍କ ଅଧିକାରୀଙ୍କୁ ସମ୍ମାନଜନକ ଜଗନ୍ନାଥ ସେବାରତ୍ନ ସମ୍ମାନ




ପାରାଦୀପ, ୨୧/୦୮ (ନି.ପ୍ର): ପାରାଦୀପସ୍ଥିତ ବୃହତ୍ତ ସମବାୟଭିତ୍ତିକ ସାରକାରଖାନା ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କୁ ଚଳିତ ବର୍ଷ ପାଇଁ ସମ୍ମାନଜନକ ଜଗନ୍ନାଥ ସେବାରତ୍ନ ହାସଲ କରିଛନ୍ତି । ଶ୍ରୀକ୍ଷେତ୍ର ପୁରୀଠାରେ ଶନିବାର ଓ ରବିବାର ଦୁଇ ଦିନ ଧରି ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଲୀଳା ସମ୍ପର୍କରେ ଏକ ବିରାଟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆ'ର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଉପସଭାପତି ଡ.ଶରତ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜଗନ୍ନାଥ ଚେତନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ତଥା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପ୍ରସିଦ୍ଧ ପଦ୍ମବନ ନେମାଳ ପୀଠର ଟ୍ରଷ୍ଟି ଓ ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କୁ ଚଳିତ ବର୍ଷ ପାଇଁ ସମ୍ମାନଜନକ ଜଗନ୍ନାଥ ସେବାରତ୍ନ ପ୍ରଦାନ କରାଯାଇଥିଲା । ଶ୍ରୀ ବେଉରାଙ୍କୁ ଚାରଣ ଗୋଷ୍ଠୀ ସମ୍ପାଦକ ଶୁଭେନ୍ଦୁ ଶେଖର ସ୍ୱାଇଁ, ସଭାପତି ପଣ୍ଡିତ ଲିଙ୍ଗରାଜ ପତି ଏହି ସମ୍ମାନ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଶ୍ରୀମନ୍ଦିର ର ମୁଖ୍ୟପ୍ରଶାସକ ରଂଜନ ଦାସ, ପଣ୍ଡିତ କୁନା ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ.ପ୍ରଦ୍ୟୁମ୍ନ କୁମାର ଶତପଥି ,ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡାଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଓ ନେମାଳ ପୀଠର ବହୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଗ୍ରାମବାସୀଙ୍କ ଉଦ୍ୟମରେ ଯୁବକ ଫେରି ପାଇଲେ ଉଦ୍ଧାରୀ ଟଙ୍କା

ଧର୍ମଶାଳା, ୨୧/୦୮ (ନି.ପ୍ର): ବରୀ ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ ସାନବାଗସାହି ଗ୍ରାମ ଜଣେ ଯୁବକ ଦେଇଥିବା ହାତ ଉଦ୍ଧାରୀ ଲକ୍ଷାଧିକ ଟଙ୍କା ଫେରି ପାଇଲେ । ଯାହାକୁ ନେଇ ସେ ଗ୍ରାମବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନା ମୁବତାକ, ସାନବାଗ ସାହି ଗ୍ରାମର ରଶିକ ପାଢୀ ଓ ତାଙ୍କ ପତ୍ନୀ ମାଳତି ନିକଟସ୍ଥ ଡାକଘରେ ଦୀର୍ଘ ଦିନ ହେବ କାରବାର କରି ଆସୁଛନ୍ତି । ଶାଖା ଡାକପାଳ ରାମଚନ୍ଦ୍ର ମୁଣ୍ଡାଙ୍କ ସହ ଅତି ଘନିଷ୍ଠ ବନ୍ଧୁ ପାଲଟି ଯାଇଥିଲେ । ଡାକପାଳ ନିଜର ଅସୁବିଧା ଜନିତ ସମସ୍ୟା ନେଇ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଉଦ୍ଧାର ନେଇଥିଲେ । ଏବଂ ନିଜ ଜମା ଖାତାରେ ପର୍ଯ୍ୟାୟ କ୍ରମେ ଟଙ୍କା ପୈଠ କରି ଦେବା ପାଇଁ ସେମାନଙ୍କୁ ପ୍ରତିଶୃତି ଦେଇଥିଲେ । ହେଲେ କିଛି ଦିନ ହେବ ସେ ଜମା ଖାତାରେ ଟଙ୍କା ପୈଠ କରି ନ ଥିବା ରଶିକ ଜାଣିବାକୁ ପାଇଥିଲେ । ଏନେଇ ସେ ରାମଚନ୍ଦ୍ରଙ୍କୁ ଏହି ଟଙ୍କା ପୈଠ ସମ୍ପର୍କରେ ପଚାରି ବୁଝିଥିଲେ । ଆଜି କାଲି କହି ସେମାନଙ୍କୁ ପ୍ରତିଶୃତି ପରେ ପ୍ରତିଶୃତି ଦେଇ ଚାଲିଥିଲେ । ହେଲେ ସେମାନଙ୍କର ଟଙ୍କା ଆବଶ୍ୟକତା ଦୃଷ୍ଟିରୁ ଗ୍ରାମ ମୁରବୀଙ୍କ ସହ ଆଲୋଚନା କରିଥିଲେ । ଗ୍ରାମ ଭଦ୍ର ଲୋକଙ୍କ ଚାପରେ ଏହା ଅପୋଷ ସମାଧାନ ହେବା ସହିତ ନେଇ ଥିବା ସମସ୍ତ ଟଙ୍କା ରାମଚନ୍ଦ୍ର ଫେରାଇ ଦେଇଥିଲେ । ତେବେ ଏଭଳି ଘଟଣାକୁ ନେଇ ରଶିକଙ୍କ ପରିବାର ଗ୍ରାମ ମୁରବୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ନଡିଆକତା ହସ୍ତ ଶିଳ୍ପରେ ଶ୍ରୀଜଗନ୍ନାଥ: ଏସ୍ଏସ୍ଜି ସଦସ୍ୟାଙ୍କ ସଫଳତା




ଜଳେଶ୍ୱର , ୨୧/୦୮ (ନି.ପ୍ର): ସାମ୍ପ୍ରତିକ ସମାଜରେ ମିଶନଶକ୍ତିକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି । ଫଳରେ ପ୍ରତି ଗାଁରେ ମହିଳାମାନଙ୍କ ଦ୍ୱାରା ମିଶନ ଶକ୍ତି ଗଠନ ହୋଇ ପାରୁଛି । ସରକାରୀ ପ୍ରତ୍ସାହନ ପାଇ ସେମାନେଙ୍କ ଆର୍ଥିକସ୍ଥିତି ବଦଳାଇବା ମିଶନ ଶକ୍ତିର ଲକ୍ଷ ହୋଇଛି । କିନ୍ତୁ ଜଳେଶ୍ୱର ବ୍ଲକର ପଶ୍ଚିମବାର୍ଡ଼ ପଂଚାୟତରେ ଶ୍ରୀଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ୭ ମାସ ବିତିଥିବା ବେଳେ ସେମାନଙ୍କୁ ସରକାରୀ ପ୍ରତ୍ସାହନ ମିଳିପାରିନାହିଁ । ବରଂ ୨୭ଜଣ ସଦସ୍ୟାଙ୍କୁ ନେଇ ସେମାନେ ନଡିଆକତା ହସ୍ତ ଶିଳ୍ପରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି, ପାପୋଛ, ଫୁଲଦାନୀ, ଘର ସଜାଇବା ସାମଗ୍ରୀ, ବିଭିନ୍ନ ପଶୁପକ୍ଷୀ ଇତ୍ୟାଦି ତିଆରି କରି ଆସୁଛନ୍ତି । ସଭାପତି ଶଶିରେଖା କର, ସଂପାଦିକା ଅଂଜଳି ମଲ୍ଲିକ ସଦସ୍ୟାମାନଙ୍କୁ ଏଥିନେଇ ବିଭିନ୍ନ ପରାମର୍ଶ ଓ ପ୍ରଶିକ୍ଷଣ ଦେଇ ଆସୁଛନ୍ତି । ସଭାପତି ଓ ସଂପାଦିକା ରେମୁଣାସ୍ଥିତ ୟୁକୋ ଗ୍ରାମିଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ଦ୍ୱାରା ୧୫ ଦିନିଆ ପ୍ରଶିକ୍ଷଣ ନେବାପରେ ସେମାନଙ୍କ ସଫଳତା ଦେଖାଇ ପାରିଛନ୍ତି । ଅନ୍ୟପକ୍ଷରେ ଏ ଗୁଡିକ ବିକ୍ରୟ ଲାଗି ସଦସ୍ୟାମାନେ ଶ୍ରମଦାନ କରି ଆସୁଛନ୍ତି । ଗାଁରେ ନିର୍ମାଣ ହୋଇଛି ମିଶନ ଶକ୍ତି ଗୃହ । କିନ୍ତୁ ଶ୍ରୀଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ହସ୍ତଶିଳ୍ପ ତିଆରୀ, ପ୍ରଶିକ୍ଷଣ, ସଂଗ୍ରକ୍ଷଣ ଓ ବିକ୍ରୟ ଲାଗି ଏହି ମିଶନଶକ୍ତି ଗୃହକୁ ବ୍ୟବହାର ଲାଗି ଆବେଦନ କରିଥିଲେ ମଧ୍ୟ ତାହା ଅଦ୍ୟାବଧି ମିଳିପାରି ନାହିଁ । ଏହାକୁ ନିର୍ମାଣ କରୁଥିବା ଠିକାଦାର ନିଜ ହେପାଜତରେ ରଖିଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏହି ସଦସ୍ୟାମାନଙ୍କୁ ମିଶନଶକ୍ତି ବ୍ୟବହାର ଲାଗି ପ୍ରଦାନ କରିବାକୁ ଦାବି କରିଛନ୍ତି ।

# ନୂତନ ଶିକ୍ଷା ଜିଲ୍ଲାଧିକାରୀଙ୍କୁ ସ୍ୱାଗତ




ବାରିପଦା, ୨୧/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ଶିକ୍ଷା ଅଧିକାରୀଭାବେ କେନ୍ଦୁଝର ଜିଲ୍ଲାରୁ ବଦଳି ହୋଇ ଆସି ପୂର୍ଣ୍ଣଚନ୍ଦ୍ର ସେଠୀ ଆଜି କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। ଇତ୍ୟବସରରେ ଜିଲ୍ଲାପୁରସ୍କୃତ ଶିକ୍ଷକ ସଂଗଠନର ସଭାପତି ଡଃ ଶଶିଧର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲା ସଂଗଠନର ଉପଦେଷ୍ଟା ସନ୍ତୋଷ ମହାନ୍ତି ଓ ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ହୋତା ଓ ଅରୁଣ କୁମାର ଦାଶଙ୍କ ସହ ରାଜ୍ୟ ସଂଗଠନର ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଆଦି ପୁଷ୍ପଗୁଚ୍ଛ ଓ କବିତା ପୁସ୍ତିକା ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। ଏତଦ୍‌ବ୍ୟତୀତ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ତିନିଜଣ ଅତିରିକ୍ତ ଶିକ୍ଷାଧିକାରୀ ଗଣଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ବର୍ଗର କର୍ମଚାରୀଗଣ, ଜିଲ୍ଲା ଓଷ୍ଟ। ସମେତ ଅନ୍ୟାନ୍ୟ ଶିକ୍ଷକ ସଂଘ ତରଫରୁ ମଧ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି। ପ୍ରତ୍ୟୁତ୍ତରରେ ସମସ୍ତେ ମିଳିତଭାବେ ମୟୂରଭଞ୍ଜରେ ଶିକ୍ଷା ବିକାଶ କରାଇବାକୁ ସଂକଳ୍ପ ନେବାକୁ ନୂତନ ଜିଲ୍ଲା ଶିକ୍ଷା ଧିକାରୀ ଆହ୍ୱାନ ଦେଇଛନ୍ତି।

# ମା' ହୀରାମଣି ପାଠାଗାର ସହ ଇଂ ସୁରେନ୍ଦ୍ର ନାଥ ଦାସଙ୍କ କବିତା ପୁସ୍ତକ 'ଅନ୍ତର୍ନାଦ' ହେଲା ଉନ୍ମୋଚିତ



ବାଲେଶ୍ୱର, ୨୧/୦୮ (ନି.ପ୍ର): ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗର ଜେନେରାଲ ମ୍ୟାନେଜର ତଥା ଲେଖକ ଇଂ ସୁରେନ୍ଦ୍ର ନାଥ ଦାସଙ୍କ ବାଲେଶ୍ୱର ସହରସ୍ଥ ଭୋଇସାହି ସେଣ୍ଟ୍ରାଲ ସ୍କୁଲ ନିକଟ ବାସଭବନରେ ତାଙ୍କ ପରଲୋକଗତା ଜନନୀଙ୍କ ସ୍ମୃତିରେ ଏକ ପାଠାଗାର ସହ ଇଂ ଦାସଙ୍କ ସଦ୍ୟଲିଖିତ ଏକ କବିତା ପୁସ୍ତକ 'ଅନ୍ତର୍ନାଦ'ର ଶୁଭ ଉଦ୍‌ଘାଟନ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି । 'ମା' ହୀରାମଣି ପାଠାଗାର' ନାମରେ ନାମିତ ଏହି ପାଠାଗାରକୁ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି କାଳୀପଦ ପଣ୍ଡା ଉଦ୍‌ଘାଟନ କରିବା ସହ ଇଂ ଦାସଙ୍କ ସଦ୍ୟପ୍ରକାଶିତ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ 'ଅନ୍ତର୍ନାଦ' କବିତା ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହି ପାଠାଗାରରେ ମାତ୍ର ୫ବର୍ଷ ମଧ୍ୟରେ ଇଂ ଦାସ ଲେଖିଥିବା ୩୦ ଖଣ୍ଡ ବହି ସମେତ ଅନ୍ୟାନ୍ୟ ପୁସ୍ତକ ଗଚ୍ଛିତ ରହିଛି ଯେକୌଣସି ଆଗ୍ରହୀ ପାଠକଙ୍କ ପଢ଼ିବା ନିମନ୍ତେ । କାର୍ଯ୍ୟକ୍ରମରେ ଇଂ ସୁରେନ୍ଦ୍ର ନାଥ ଦାସ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ସତ୍ୟଭାମା ଦାସ, ସତ୍ୟ ନାରାୟଣ ଦାସ ଓ ଗୋପାଳ ଚନ୍ଦ୍ର ଜେନା ଉପସ୍ଥିତ ରହିଥିଲେ ।

# 'ବାଣୀପୀଠ' କୁ ଅଣଦେଖା କଲେ ଫାଇବ-ଟି ସଚିବ
## ବଢୁଛି ଜନଅସନ୍ତୋଷ, ଦାନା ବାନ୍ଧୁଛି ଆନ୍ଦୋଳନ




ଉଦଳା , ୨୧/୦୮ (ନି.ପ୍ର): ଉଦଳା ସହରର ମଧ୍ୟ ଭାଗରେ ଥିବା ବାଗ୍ ଦେବୀ ମା' ସରସ୍ୱତୀ ମନ୍ଦିର ଯାହାକି 'ବାଣୀପୀଠ' ନାମରେ ପରିଚିତ, ଏହାକୁ ଫାଇବ-ଟି ସଚିବ ସମ୍ମାନୀୟ ପାଣ୍ଡିଆନ ଅଣଦେଖା କରିଥିବାର କଥା ବର୍ତ୍ତମାନ ସାଧାରଣରେ ଚର୍ଚ୍ଚା ଯୋର ଧରିଛି । ସହର ମଧ୍ୟରେ ଥିବା ବିଭିନ୍ନ ମଠ, ମନ୍ଦିର ଓ କ୍ଲବର ଉନ୍ନତି ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିବା ବେଳେ 'ବାଣୀପୀଠ' ପାଇଁ ଟଙ୍କାଟିଏ ବି ଅନୁଦାନ ଘୋଷଣା କରାଗଲା ନାହିଁ । ପ୍ରକାଶ ଥାଉକି ଉଦଳା ସହରର ପରିଚୟ କହିଲେ 'ବାଣୀପୀଠ'କୁ ବୁଝାଇଥାଏ । ଇଂରେଜ ସରକାରଙ୍କ ଶାସନ କାଳରେ ଉଦଳା, କପ୍ତିପଦା ରଜାଙ୍କ ଶାସନାଧିନ ଥିଲା । ସେ ସମୟରେ ଏଠାରେ ମା' ସରସ୍ୱତୀ ପୂଜା ପାଇ ଆସୁଛନ୍ତି । ଅର୍ଥାତ୍ ଏହା ଉଦଳା ସହରର ସର୍ବପୁରାତନ ସରସ୍ୱତୀ ମନ୍ଦିର ଅଟେ । ତାଛଡ଼ା ଏହା ସମଗ୍ର ଓଡ଼ିଶାର ପ୍ରଥମ ସରସ୍ୱତୀ ମନ୍ଦିର ଭାବରେ ପରିଗଣିତ ହେଉଥିବାରୁ ଉଦଳାବାସୀ ଏଥିପାଇଁ ଗର୍ବ ଅନୁଭବ କରନ୍ତି । ଏଠାରେ ଅନୁଷ୍ଠିତ ସରସ୍ୱତୀ ମେଳା ଓଡ଼ିଶା ପ୍ରସିଦ୍ଧ ଅଟେ । ଉକ୍ତ ମନ୍ଦିରର ଉନ୍ନତି ପାଇଁ ଫାଇବ-ଟି ସଚିବ ସମ୍ମାନୀୟ ପାଣ୍ଡିଆନ ତୁରନ୍ତ ଅନୁଦାନ ଘୋଷଣା କରନ୍ତୁ, ନଚେତ ଆଗାମୀ ନିର୍ବାଚନରେ ଉଦଳାବାସୀ ଏହାର ଠିକଣା ଜବାବ ଦେବେ ବୋଲି ସାଧଶରଣରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ମୋଟା ମୋଟି ଭାବରେ ସରସ୍ୱତୀ ମନ୍ଦିରକୁ ଫାଇବ-ଟି ସଚିବ ଅଣଦେଖା କରିଥିବାରୁ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ବଢ଼ିଯାଇଥିବାର ଜଣାଯାଇଛି । ଆଗାମି ଦିନରେ ଏଥିପାଇଁ ଆନ୍ଦୋଳନ ଦାନା ବାନ୍ଧୁଥିବାର ଆଭାସ ମିଳୁଛି ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo